ବର୍ଷ-୨୪, ସଂଖ୍ୟା-୨୦୨
ଭୁବନେଶ୍ୱର
୨୨ ଅଗଷ୍ଟ, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 202
Bhubaneswar
22 August, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଭିନେତ୍ରୀ ମିମିଙ୍କୁ ଦୁଷ୍କର୍ମ ଧମକ

# ବଜ୍ରପାତରେ ୮ ଜଣଙ୍କ ମୃତ୍ୟୁ, ୫ ଗୁରୁତର

ଭୁବନେଶ୍ୱର,୨୧।୮(ମହାଭାରତ): ଗତ କିଛି ଦିନ ଧରି ରାଜ୍ୟରେ ବର୍ଷା ସହ ଘଡ଼ଘଡ଼ି ଯୋଗୁଁ ଅକାଳରେ ଜୀବନହାନି ଘଟୁଛି। ଆଜି ଅପରାହ୍ନରେ ବର୍ଷା ଓ ବିଜୁଳି ମାରିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଆଉ ୫ ଜଣ ଗୁରୁତର ଆହତ ହୋଇଛି। ଭଦ୍ରକ ଜିଲ୍ଲାରେ ୪ ଜଣ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲାରେ ଜଣେ ଲେଖାଏ ବ୍ୟକ୍ତି ବଜ୍ରପାତ ଯୋଗୁ ପ୍ରାଣ ହରାଇଛନ୍ତି। ସେହିପରି ଭଦ୍ରକରେ ୨ ଜଣ ଓ ସମ୍ବଲପୁରରେ ବିଜୁଳି ମାଡ଼ରେ ୩ ଜଣ ଚାଷୀ ଗୁରୁତର ହୋଇଛନ୍ତି। ଚଳିତ ସପ୍ତାହରେ ୨୩ ଜଣଙ୍କର ବିଜୁଳିରେ ମୃତ୍ୟୁବରଣ ହେଲାଣି।



ଭଦ୍ରକ ଜିଲ୍ଲାରେ ପ୍ରାଣ ହରାଇଥିବା ଦୁଇ ବ୍ୟକ୍ତି ହେଲେ ଗୌର ଦାସ ଓ ରାକେଶ ତିଆଡ଼ି। ଉଭୟ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରାଘାତର ଶିକାର ହୋଇଥିଲେ। ଗୌରଙ୍କ ଘର ଭଦ୍ରକ ଜିଲ୍ଲା ଆଗରପଡା ଥାନା ଭଗାରାମ ଗାଁରେ ଓ ରକେଶଙ୍କ ଘର ବାଲେଶ୍ୱର ଜିଲ୍ଲା ଖଇରା ଥାନା ହରିପୁର ଗାଁରେ। ବଜ୍ରପାତର ଶିକାର ହେବା ପରେ ଉଭୟଙ୍କୁ ଗୁରୁତର ଅସ୍ଥାରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୋପୀନାଥପୁର ଅଞ୍ଚଳର ରମାକାନ୍ତ ସାହୁ ଓ ହରିପୁର ଅଞ୍ଚଳର ଚଞ୍ଚଳା ମହଲା ମଧ୍ୟ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଏବେ ଉଭୟଙ୍କ ଚିକିତ୍ସା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଛି। ବନ୍ତ ବ୍ଲକ୍ ଚରି ଗାଁରେ ବିଲରେ କାମ କରିବା ବେଳେ ଜଣେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ବନ୍ତ ବ୍ଲକରେ ୪ ଜଣଙ୍କର ମୃତ୍ୟୁ ଘଟିଛି।

ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ନୀଳଗିରି ଥାନା ଅଧିନ ଓଲଡଙ୍ଗ ଅଞ୍ଚଳରେ କିଛି ଶ୍ରମିକ ଗରଡ଼ିହି ଅଞ୍ଚଳରୁ ଆସି ବିଲରେ କାମ କରୁଥିଲେ। ମଧ୍ୟାହ୍ନ ସମୟରେ ହଠାତ ବର୍ଷା ସହ ବିଜୁଳି ମାରିଥିଲା। ଏଥିରେ ଜଣେ ଶ୍ରମିକ ଟଳି ପଡିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ନୀଳଗିରି ହସ୍ପିଟାଲ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଶ୍ରମିକ ଜଣଙ୍କ ହେଲେ ଗରଡ଼ିହି ଅଞ୍ଚଳର ଭୀମ ମାଝୀ। ତେବେ ତାଙ୍କ ସହ ବିଲରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ସୁରକ୍ଷିତ ରହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ ଓ ଅନୁକମ୍ପା ରାଶି ଘୋଷଣା

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାଦୁଆ ଗାଁରେ ବଜ୍ରାଘାତ ଘଟି ଜଣେ ଚାଷୀଙ୍କ ଜୀବନ ଯାଇଛି। ମୃତ ଚାଷୀ ଜଣଙ୍କ କାଦୁଆ ଗାଁର ଭୀମସେନ ପରିଡ଼ା। ଭୀମସେନ ଗାଁ ପାଖ ଚାଷ ଜମିକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ଚାଷ ଜମିରୁ ତାଙ୍କ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ତେବେ ସେ ଚାଷ ଜମି ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲ ନିଆ। ଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବଜ୍ରପାତ କେନ୍ଦ୍ରାପଡ଼ାରେ ମଧ୍ୟ ଜଣେ ଚାଷୀଙ୍କ ଜୀବନ ନେଇଛି। ବଜ୍ରପାତରେ ସଦର ଥାନା ଅନ୍ତର୍ଗତ ଆୟବା ଗାଁର ଚାଷୀ ବଳରାମ ନାୟକଙ୍କ ମୃତ୍ୟୁ ଘଟିଛି। ମୃତ ବଳରାମଙ୍କ ବୟସ ୫୫ ବର୍ଷ। ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ବଳରାମ ନିଜ ଜମିରେ ଧାନ ତଳି ରୋଉ ଥିଲେ। ଏହି ସମୟରେ ପ୍ରବଳ ବର୍ଷା ହେବା ସହ ଘଡ଼ଘଡ଼ି ମାରିଥିଲା। ହଠାତ ବଳରାମଙ୍କ ଉପରେ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ରହ୍ମପୁର ଗୋକୁଳପୁରରେ ଜଣଙ୍କ ମୃତ୍ୟୁ ଘଟିଛି।

ସମ୍ବଲପୁର ଜିଲ୍ଲା ତବଲା ଗାଁରେ ବଜ୍ରପାତରେ ୩ ଜଣ ଆହତ ହୋଇଛନ୍ତି। ପ୍ରଥମେ ସେମାନଙ୍କୁ ସମ୍ବଲପୁର ଜିଲ୍ଲା ସଦର ହସ୍ପିଟାଲକୁ ନିଆଯାଇ ଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତବଲା ଗ୍ରାମର ଶ୍ରୀକାନ୍ତ ପ୍ରଧାନ, ଶୁକ୍ଲ ମୁଣ୍ଡା ଓ ସୁମନ୍ତ ମାଝୀ ଆଜି ନିଜ ଚାଷ ଜମିରେ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଫଳରେ ଚାଷୀମାନେ ଗୁରୁତର ଆହତ ହୋଇଥିଲେ।

# ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କଲେ ମମତା ଓ ଜଗନ୍ନାଥ

ଭୁବନେଶ୍ୱର,୨୧।୮(ମହାଭାରତ): ରାଜ୍ୟସଭା ପାଇଁ ନାମାଙ୍କନ ଭରିଛନ୍ତି ମମତା ମହାନ୍ତ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ। ଉଭୟ ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି। ଦଳ ପକ୍ଷରୁ ଜଗନ୍ନାଥଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇ ନଥିବା ବେଳେ ସେ ଆଜି କାହିଁକି ନାମାଙ୍କନ ଦାଖଲ କଲେ, ତାହା ଜଣାପଡ଼ି ନାହିଁ।



ରାଜ୍ୟସଭା ପାଇଁ କୁଡୁମୀ ସମ୍ପ୍ରଦାୟର ନେତ୍ରୀ ମମତା ମହାନ୍ତଙ୍କୁ ବିଜେପି ପ୍ରାର୍ଥୀ କରିଥିଲା। ଆଜି ସେ ନାମାଙ୍କନ ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲେ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜୟ ସିଂହ ତୋମାରଙ୍କ ପରି ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ସେପଟେ ବିଜେପି ବିଧାୟକଙ୍କ ଉପସ୍ଥିତିରେ ଜଗନ୍ନାଥ ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନରେ ୧୦ ଜଣ ବିଧାୟକ ପ୍ରସ୍ତାବକ ପଡ଼ିଛନ୍ତି। ଗୋଟିଏ ସେଟ୍ ନାମାଙ୍କନ ଭରିଛନ୍ତି ଜଗନ୍ନାଥ ପ୍ରଧାନ। ଅଗସ୍ତି ବେହେରା ପ୍ରଥମ ପ୍ରସ୍ତାବକ ପଡ଼ିଥିବା ବେଳେ ଦୁର୍ଗା ପ୍ରସାଦ ନାୟକ, ଦୁଷ୍ମନ୍ତ ସ୍ୱାଇଁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଲକ୍ଷ୍ମଣ ବାଗ ପ୍ରସ୍ତାବକ ପଡ଼ିଛନ୍ତି। ବିଜେପିର ଜଣେ ଟାଣୁଆ ନେତା ହେଉଛନ୍ତି ଜଗନ୍ନାଥ ପ୍ରଧାନ। ଚଳିତ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ହେଲେ ସେ ତାଙ୍କ ନିକଟର ପ୍ରତିଦ୍ୱନ୍ଦ୍ୱୀ ଅନନ୍ତ ନାରାୟଣ ଜେନାଙ୍କଠାରୁ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ।

# ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ନିଲମ୍ବିତ

**ଭୁବନେଶ୍ୱର,୨୧।୮(ମହାଭାରତ):** ବେଆଇନ ମଦ କାରବାର ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ଘଟଣାରେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକଙ୍କୁ ଅପସାରଣ ପାଇଁ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ମଦ କାରବାର କେବେ ବି ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଏଭଳି ମାମଲାରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ। ଏଥି ସହିତ ବେଆଇନ ତଥା ଚୋରା ମଦ କାରବାରକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆବଶ୍ୟକୀୟ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ନେଇ ବିଭାଗୀୟ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଗଞ୍ଜାମ ଜିଲ୍ଲା ଚିକିଟିଠାରେ ହୋଇଥିବା ମଦ ଘଟଣା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ଅବକାରୀ କମିଶନର ନରସିଂହ ଭୋଳଙ୍କ ସହ ଆଲୋଚନା କରିବା ସହ ଏ ସଂପର୍କରେ ସବିଶେଷ ତଥ୍ୟ ମାଗିଥିଲେ।

ଗଂଜାମ ଜିଲ୍ଲା ଚିକିଟିରେ ମଦ ମୃତ୍ୟୁ ପରେ ତତ୍ପର ହୋଇଛି ରାଜ୍ୟ ଅବକାରୀ ବିଭାଗ। ବେଆଇନ ମଦ କାରବାର ରୋକିବାକୁ ୭ଦିନ ରେଡ୍ କରିବ ଅବକାରୀ ଟିମ୍। ଅବକାରୀ କମିଶନର ନରସିଂହ ଭୋଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ରେଡ୍ ର ପ୍ରଥମ ଦିନରେ ୨୦୩ ମାମଲା ରୁଜୁ ହୋଇଥିବା ବେଳେ ୧୧୭ ଗିରଫ ହୋଇଛନ୍ତି। ସେହିପରି ରେଡ୍ ବେଳେ ୧୦ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୧୦୩୩୮ ଲିଟର ମଦ ଜବତ କରାଯାଇଛି।

# ବିଷାକ୍ତ ମଦ ମୃତ୍ୟୁସଂଖ୍ୟା ଦୁଇରେ ପହଞ୍ଚିଲା

ଭୁବନେଶ୍ୱର,୨୧।୮(ମହାଭାରତ): ଗଞ୍ଜାମ ଜିଲ୍ଲା ଚିକିଟିରେ ବିଷାକ୍ତ ମଦ ନେଇଛି ଦୁଇ ଜଣଙ୍କ ଜୀବନ। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜେନାପୁର ଗାଁର ଲୋକନାଥ ବେହେରାଙ୍କ ମୃତ୍ୟୁ ଘଟିଛି। ଲୋକନାଥଙ୍କ ସାଙ୍ଗରେ ମଦ ପିଇବାକୁ ଯାଇଥିବା ଜୁର ବେହେରାଙ୍କର ଆଜି ସକାଳେ ମୃତ୍ୟୁ ଘଟିଥିଲା। ଏବେ ମଧ୍ୟ ୧୨ ଜଣ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ଭିତରେ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦବେଗଜନକ ରହିଛି।



ଦୁଇ ଦିନ ତଳେ ଚିକିଟି ଜେନାପୁର ଗାଁର ଜୁର ବେହେରା ଓ ଲୋକନାଥ ବେହେରା ସାଙ୍ଗ ହୋଇ ମଦ ପିଇବାକୁ ଯାଇଥିଲେ। ମଦ ପିଇ ଘରକୁ ଆସିବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିଟି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଉଭୟଙ୍କୁ ଭେଣ୍ଟିଲେଟର ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ଜୁର ବେହେରାଙ୍କ ମୃତ୍ୟୁ ଘଟିଥିଲା। ଆଉ ଅପରାହ୍ନ ୩ଟାରେ ଲୋକନାଥ ବେହେରାଙ୍କ ମୃତ୍ୟୁ ଘଟିଥିଛି। ଏବେ ମଧ୍ୟ କରଦାଲୁଧା ଓ ଜେନାପୁର ଗାଁର ୧୨ ଜଣ ଏମକେଜିରେ ଭର୍ତ୍ତି ହୋଇଛନ୍ତି।

ଏମକେସଜିଜିରେ ଭର୍ତ୍ତି ହୋଇଥିବା ୧୨ ଜଣଙ୍କ ଭିତରୁ ଏବେ ମଧରେ ୨ ଜଣ ଭେଣ୍ଟିଲେଟ୍ରରେ ରହିଛନ୍ତି। ଆଉ ୧୦ ଜଣଙ୍କ ଭିତରୁ ୬ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟୁନି। ତେଣୁ ସେମାନଙ୍କୁ ଆଇସିୟୁରେ ରଖାଯାଇଛି। ଯେ କୌଣସି ମୁହୂର୍ତ୍ତରେ ଭେଣ୍ଟିଲେଟ୍ରରେ ଭର୍ତ୍ତି କରାଯାଇପାରେ। ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବିଷାକ୍ତ ମଦ୍ୟପଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ମେଡ଼ିକାଲର ବରିଷ୍ଠ ଓ ଅଭିଜ୍ଞ ଚିକିତ୍ସକମାନେ ଚିକିତ୍ସା ସେବା ଯୋଗାଉଛନ୍ତି। ଚିକିଟି ଥାନା ମାଉନ୍ଦପୁର ଓ ଡିପସାହି ଗାଁରେ ଥିବା ଦେଶୀ ଭାଟିକୁ ଦୁଇ ଦିନ ମଦ ୨୧ ଜଣରୁ ଅଧିକ ଲୋକ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ଚିକିଟି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଭିତରୁ ୧୪ ଜଣ ଗୁରୁତରଙ୍କ ଏମ୍କେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

# ରାଜୁ ମଣ୍ଡଳ ପରିବାର ଲୋକଙ୍କୁ ଜେରା

ଭୁବନେଶ୍ୱର,୨୧।୮(ମହାଭାରତ):: ସିମ୍ ବକ୍ସ ମାମଲାରେ ରାଜୁ ମଣ୍ଡଳ ଗିରଫ ହେବା ଘଟଣାରେ ଆସିଲା ନୂଆ। ଟ୍ୱିଷ୍ଟ। ରାଜୁ ମଣ୍ଡଳ ନିଖୋଜ ହେବା ନେଇ ପରିବାର ଲୋକ ଥାନାରେ ଏତଲା ଦେଇଛନ୍ତି। ପଶ୍ଚିମବଙ୍ଗର ଏକ ଥାନାରେ ରାଜୁର ନିଖୋଜ ରିପୋର୍ଟ ଦେଲେ ଘର ଲୋକ।ମିସିଂ ରିପୋର୍ଟ ପାଇବା ପରେ ରାଜୁ ମଣ୍ଡଳ ମୋବାଇଲ ଫୋନ୍ ଟ୍ରାକ କରିଥିଲା ପଶ୍ଚିମବଙ୍ଗ ପୁଲିସ। ରାଜୁର ଲାଷ୍ଟ ଲୋକେଶନ୍ ଲକ୍ଷ୍ମୀସାଗର ଥାନା ସୋ କରିଥିଲାୟ ଲକ୍ଷ୍ମୀସାଗର ଥାନା ପୁଲିସ ସହ ପଶ୍ଚିମବଙ୍ଗ ପୁଲିସ କଥା ହେବା ପରେ ପରିବାର ଲୋକ ରାଜୁ ଗିରଫ ହେବା ନେଇ ସୂଚନା ପାଇଥିଲେ। ଗିରଫ ସୂଚନା ପାଇବା ପରେ ରାଜୁ ମଣ୍ଡଳ ପରିବାର ଲୋକ ଓକିଲ ସହ ଲକ୍ଷ୍ମୀସାଗର ଥାନା ଆସିଥିବା ବେଳେ ରାଜୁର ଗିରଫ ସମ୍ପର୍କୀୟ ସବୁ ତଥ୍ୟ ଲକ୍ଷ୍ମୀସାଗର ଥାନା ପୁଲିସକୁ ଦେଇଥିଲା। ଏଥି ସହ ପରିବାର ଲୋକଙ୍କୁ ମଧ୍ୟ ରାଜୁ ସମ୍ପର୍କରେ ଅଧିକ ପଚରଉଚରା କରିଛି ଲକ୍ଷ୍ମୀସାଗର ଥାନା ପୁଲିସ।

# ମଧ୍ୟାହ୍ନ ଭୋଜନ ସହାୟତା ରାଶି ଟଙ୍କାଏ ବଢିବ

ଭୁବନେଶ୍ୱର,୨୧।୮(ମହାଭାରତ): ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ସହାୟତା ରାଶି ବୃଦ୍ଧି କରାଯିବ। ମିଲ୍ ପିଛା ସହାୟତା ୧ ଟଙ୍କା ବୃଦ୍ଧି ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନ ଧରି ମିଡ୍ ମେ ମିଲ୍ ସହାୟତା ରାଶି ବୃଦ୍ଧି କରିବାକୁ ଦାବି ହେଇ ଆସୁଥିଲା। ମିଡ୍‌ଡେ ମିଲରେ କମ ପଇସା ମିଳୁଥିବାରୁ ଏହାକୁ ନେଇ ଅନେକ ସମୟରେ ଅସନ୍ତୋଷ ଦେଖିବାକୁ ମିଳୁଥିଲା। ହେଲେ ଶେଷରେ ଏହି ସହାୟତା ରାଶିର ପରିମାଣ ବୃଦ୍ଧି କରିବାକୁ ଯାଉଛନ୍ତି ରାଜ୍ୟ ସରକାର।

# ଓଡ଼ିଶାରେ ଅଲିମ୍ପିକ୍ସ ହିରୋଙ୍କ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୨୧।୮(ମହାଭରତ):** ପ୍ୟାରିସ ଅଲିମ୍ପିକ୍ସରେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଟିମ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଓଡିଶା ସରକାର। ଏୟାରପୋର୍ଟରୁ କଳିଙ୍ଗ ଷ୍ଟାଡିୟମ ଓ କଳିଙ୍ଗ ଷ୍ଟାଡିୟମରୁ ଲୋକସେବା ଭବନ ଯାଏ ସବୁଠାରେ କେବଳ ହକିର ଚର୍ଚ୍ଚା ଦେଖିବାକୁ ମିଳିଥିଲା। ରୋଡ ଶୋ ବେଳେ ଶହଶହ ଲୋକ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ହକିଖେଳାଳିଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ କଳିଙ୍ଗ ହକି ଷ୍ଟାଡିୟମ ଓ ଲୋକସଭା ଭବନରେ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖେଳାଳିମାନଙ୍କୁ ପୂର୍ବ ଘୋଷିତ ପୁରସ୍କାର ରାଶିର ଚେକ୍ ପ୍ରଦାନ କରିଥିଲେ। ପ୍ରତି ଖେଳାଳିଙ୍କୁ ୧୫ ଲକ୍ଷ ଏବଂ ସପୋର୍ଟିଂ ଷ୍ଟାଫଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବା ସହ ଓଡିଆ ଖେଳାଳି ଅମିତ ରୋହିଦାସଙ୍କୁ ୪କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଗୋଲକିପର ପିଆର ଶ୍ରୀଜେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

ଟିମର ସଦସ୍ୟମାନେ ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରେ ପହଞ୍ଚିଥିଲେ ବିମାନବନ୍ଦରଠାରେ ପହଞ୍ଚିବା ପରେ , କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଭାରତୀୟ ହକି ଟିମ୍ କୁ ଏକ ରୋଡ଼ ଶୋ ମାଧ୍ୟମରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅଣା ଯାଇଥିଲା। ଏହି ଅବସରରେ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ହକି ଟିମକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଭୁବନେଶ୍ୱର ବିମାନବନ୍ଦର ଠାରେ ଘୁମୁରା, ସାହିଜାତ, ଦୁରୁଆ। ନାଚ, ସାନ୍ତାଳୀ ନୃତ୍ୟ, କ୍ୟାପିଟାଲ ହସ୍ପିଟାଲ ଛକ ଠାରେ ବଜାସାଲ, ଏଜି ଛକ ଠାରେ ସମ୍ବଲପୁରୀ, ରାଜଭବନ ଠାରେ ଦୁଲଦୁଲି, କଳିଙ୍ଗ ଷ୍ଟାଡିୟମ୍ ଠାରେ ଝାଞ୍ଜ, ଖୋଳ ଓ କରତାଳି ଆଦିର ପ୍ରଦର୍ଶନ କରାଯାଇଥିଲା।

କଳିଙ୍ଗ ଷ୍ଟାଡିୟମରେ ଖେଳାଳିମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭେଟିବା ସହ ସେମାନଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ସନ୍ଧ୍ୟାରେ ଲୋକସେବା ଭବନର କନ୍‌ଭେନସନ ହଲ୍ ଠାରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଖେଳାଳୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ପୁଣି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଦଳର ପ୍ରତ୍ୟେକ ଖେଳାଳୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦେଇଥିଲେ। ଟିମରେ ଥିବା ଓଡ଼ିଆ। ଖେଳାଳି ଅମିତ୍ ରୋହିଦାସଙ୍କୁ ସ୍ୱତନ୍ତ୍ର ଭାବେ ୪ କୋଟି ଟଙ୍କା ମିଳିଛି। ଟିମ୍‌ର ଗୋଲକିପର ପିଆର ଶ୍ରୀଜେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ୪ ଜଣ ସପୋର୍ଟିଂ ଷ୍ଟାଫଙ୍କୁ ମଧ୍ୟ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ ଭାରତୀୟ ହକି ଦଳର ଏହି (ପୃଷ୍ଠା-୮)

## ପୁରୀ ଦିବ୍ୟାଙ୍ଗ ହତ୍ୟାକାଣ୍ଡ ଘଟଣାରେ ୯ ଅଭିଯୁକ୍ତ ଗିରଫ

ପୁରୀ,୨୧।୮(ମହାଭାରତ.): ପୁରୀ ରାଧାଗୋବିନ୍ଦ ଲେନର ଦିବ୍ୟାଙ୍ଗ ବ୍ୟକ୍ତି ହରିହର ସାହୁଙ୍କ ହତ୍ୟାକାଣ୍ଡ ଘଟଣାରେ ଟାଉନଥାନା ପୁଲିସର ବଡ ସଫଳତା। ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ସମୁଦାୟ ୯ ଜଣ ଗିରଫୟ ଦୁଇଜଣ ଏବେ ବି ଫେରାର ଅଛନ୍ତି। ଗିରଫ ୯ ଜଣ ମଧ୍ୟରୁ ୭ ଜଣ ନାବାଳକ ଅପରାଧୀ।

# ବିଧାନସଭାରେ ମଦ ମୃତ୍ୟୁ ତାତି

ଭୁବନେଶ୍ୱର,୨୧।୮(ମହାଭାରତ): ଚଳିତ ବିଧାନସଭା ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମଧ୍ୟ ପ୍ରଥମାର୍ଧରେ ବିରୋଧୀ ଦଳର ବିଧାୟକ ମାନେ ପ୍ରବଳ ହଟ୍ଟଗୋଳ କରିଥିବାରୁ କୌଣସି କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବିଜେଡି ଦଳର ବିଧାୟକ ମାନେ ମଦ ମୃତ୍ୟୁକୁ ନେଇ ହଟ୍ଟଗୋଳ କରିଥିବା ବେଳେ କଂଗ୍ରେସ ଦଳର ବିଧାୟକ ମାନେ ଜନଜାତି ମାନଙ୍କର ସୁରକ୍ଷା ଦାବିରେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ଦୁଇ ଥର ମୁଲତବୀ କରିଥିଲେ । ଫଳରେ ଆଜି ପ୍ରଶ୍ନକାଳ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ପ୍ରଶ୍ନକାଳ କାର୍ଯକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ। ବିଜେଡି ବିଧାୟକ ମାନେ ଗଂଜାମ ଜିଲ୍ଲାରେ ବିଷାକ୍ତ ମଦ ପିଇ ମୃତ୍ୟୁ ହେବା ମାମଲାରେ ଆରଡିସି ତଦନ୍ତ ଦାବି କରି ନାରାବାଜୀ କରିଥିଲେ। ସେହିପରି କଂଗ୍ରେସ ବିଧାୟକ ମାନେ ଜନଜାତି ବର୍ଗର ସୁରକ୍ଷା ଦାବିରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ବାରମ୍ବାର ଅନୁରୋଧ କରିଥିବା ଦେଖିବାକୁ ମିଳିଥିଲା । ହେଲେ ବିରୋଧୀ ବିଧାୟକ ମାନେ ସେମାନଙ୍କର ହଟ୍ଟଗୋଳ ଜାରୀ ରଖିଥିଲେ । ହଟ୍ଟଗୋଳ କମ ନ ହେବା କାରଣରୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ଏକ ଘଂଟା ପାଇଁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏକ ଘଂଟା ପରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ସେହି ସମାନ ପରିସ୍ଥିତି ଦେଖା ଦେଇଥିଲା । ବିରୋଧୀ ବିଧାୟକ ମାନେ ସେହି ସମାନ ପ୍ରସଙ୍ଗ କୁ ନେଇ ନାରାବାଜୀ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

# ସାରାଦେଶରେ ଭାରତ ବନ୍ଦର ପ୍ରଭାବ

ନୂଆଦିଲ୍ଲୀ / ଭୁବନେଶ୍ୱର,୨୧।୮(ମହାଭାରତ): ଏସସି / ଏସଟି ସଂରକ୍ଷଣରେ କ୍ରିମି ଲେୟାର ଲାଗୁ କରିବାକୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅଗଷ୍ଟ ୨୧ ବୁଧବାର ଦିନ ଭାରତ କରା ଯାଇଛି। ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର ସମେତ ଅନେକ ରାଜ୍ୟରେ ଏହି ବନ୍ଦର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ଏହି ବନ୍ଦର ମିଶ୍ରିତ ପ୍ରଭାବ ଓଡିଶା, ଛତିଶଗଡ, ଝାଡଖଣ୍ଡ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ମଧ୍ୟ ଦେଖିବାକୁ ମିଳିଛି।



ଉତ୍ତରପ୍ରଦେଶର , ହାଥରସ, ହାପୁର ଏବଂ ଆଗ୍ରା ଜିଲ୍ଲାରେ ବନ୍ଦର ପ୍ରଭାବ ଦୃଶ୍ୟମାନ ହୋଇଛି। ଏଥିସହିତ ପ୍ରୟାଗରାଜ, ନୋଏଡା, କାନପୁର ଏବଂ ଗାଜିଆବାଦ ଭଳି ସହରରେ କୌଣସି ପ୍ରଭାବ ଦେଖିବାକୁ ମିଳି ନାହିଁ। ବିହାରର ଦରଭଙ୍ଗା, ଜେହାନାବାଦ ଏବଂ ନୱାଜା ଭଳି ଜିଲ୍ଲାରେ ଦୋକାନ ବନ୍ଦ ରହିଥିଲା। ଏଠାରେ ବିକ୍ଷୋଭକାରୀମାନେ ଉଚ୍ଚ ସ୍ୱରରେ ସ୍ଲୋଗାନ ଦେଇଥିଲେ।

କଂଗ୍ରେସ, ଆରଜେଡି ଏବଂ ବାମ ଦଳ ମଧ୍ୟ ଏହି ବନ୍ଦ ପାଇଁ ସମର୍ଥନ ଘୋଷଣା କରିଥିଲେ । ଏଥି ସହିତ ଏନଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି(ଏଲଜେପି) (ରାମ ଭିଲାସ) ମଧ୍ୟ ଏହାକୁ ସମର୍ଥନ କରିଛି। ଝାଡଖଣ୍ଡର ବିଭିନ୍ନ ସହରରେ ବନ୍ଦର ପ୍ରଭାବ ଦୃଶ୍ୟମାନ ହେଉଛି। ବଡ ସହରରେ ଦୋକାନ ଇତ୍ୟାଦି ଖୋଲା ଯାଇଥିଲା, କିନ୍ତୁ ଛୋଟ ସହରରେ ଏସବୁ ବନ୍ଦ ରହିଥିଲା।

ରାଜ୍ୟ ପରିବହନ ବସ୍ ସେବା ଝାଡଖଣ୍ଡରେ ବନ୍ଦ ରହିଥିଲା। ରାଜ୍ୟରେ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। କୁହାଯାଉଛି ଯେ ଧର୍ମଘଟ ଯୋଗୁଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପାଲାମୁ ଗସ୍ତକୁ ବାତିଲ କରାଯାଇଥିଲା। ବନ୍ଦକୁ ବିଏସପି ଏବଂ ଆଜାଦ ସମାଜ ପାର୍ଟିର ସମର୍ଥନ ରହିଛି। ସମାଜବାଦୀ ପାର୍ଟି ମଧ୍ୟ ବିକ୍ଷୋଭକାରୀଙ୍କୁ ସମର୍ଥନ କରିଛି।

ଅଖିଳେଶ ଯାଦବ କହିଛନ୍ତି ଯେ ସଂରକ୍ଷଣର ସୁରକ୍ଷା ପାଇଁ ଏହି ଜନ ଆନ୍ଦୋଳନ ଏକ ସକାରାତ୍ମକ ପ୍ରୟାସ। ଏହା ଶୋଷିତମାନଙ୍କ ପାଇଁ ଏକ ନୂତନ ଯୋଗାଯୋଗ ଭାବରେ କାର୍ଯ୍ୟ କରିବ। ସଂରକ୍ଷଣରେ ଅନିୟମିତତା କରାଯିବା ଉଚିତ ନୁହେଁ । ବିହାରର ପୂର୍ଣ୍ଣିଆ, ବେଗୁସରାଇ, ଖଗଡ଼ିଆ, ପାଟନା, ସମସ୍ତିପୁର, ଜେହାନାବାଦ, ମୋତିହାରୀ ଏବଂ ମୁଜାଫରପୁର ଜିଲ୍ଲାରେ ଏହି ବନ୍ଦର ପ୍ରଭାବ ବ୍ୟାପକ ହୋଇଥିଲା। ବିକ୍ଷୋଭକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ଜେହାନାବାଦରେ ବିକ୍ଷୋଭକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ମାମଲା ସାମ୍ନାକୁ ଆସିଛି। ଲୋକମାନେ ମୋତିହାରୀରେ ଟ୍ରେନ୍ ଅଟକାଇଥିଲେ। ବଜାର ଶୂନଶାନ୍ ରହିଥିଲା। ଏଥି ସହିତ ଅନେକ କ୍ଷେତ୍ରରେ ଘରୋଇ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା।ବିହାରରେ କନଷ୍ଟେବଲ ନିଯୁକ୍ତି ପରୀକ୍ଷା ଥିଲା। ପ୍ରାର୍ଥୀମାନେ କେନ୍ଦ୍ରରେ ପହଞ୍ଚିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ପୂର୍ବ ଓଡ଼ିଶାରେ ମଧ୍ୟ ବନ୍ଦର ପ୍ରଭାବ ମିଶ୍ରିତ ଅନୁଭୁତ ହୋଇଥିଲାୟ ରାଜ୍ୟରେ ରେଳ ଏବଂ ସଡକ ଯାତାୟାତ ଆଂଶିକ ବନ୍ଦ ରହିଥିଲା। ପୁଲିସର କହିବା ଅନୁଯାୟୀ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବିଦ୍ୟାଳୟ ଇତ୍ୟାଦି ଖୋଲା ରହିଥିଲା। ସମ୍ବେଦନଶୀଳ ଅଞ୍ଚଳର ସୁରକ୍ଷା ବୃଦ୍ଧି କରାଯାଇଥିଲା।

ଲୋକମାନେ ଭୁବନେଶ୍ୱର ଏବଂ ସମ୍ବଲପୁରରେ ଟ୍ରେନ୍ ଅଟକାଇଥିଲେ। ଅନେକ ଅଞ୍ଚଳରେ ବସ୍ ଚଳାଚଳ ବନ୍ଦ କରାଯାଇଥିଲା। ଲୋକମାନେ ଅନେକ ସ୍ଥାନରେ ହଙ୍ଗାମା ମଧ୍ୟ ସୃଷ୍ଟି କରିଥିଲେ। ଏଥି ସହିତ ରାଜସ୍ଥାନର ୧୬ ଟି ଜିଲ୍ଲାରେ ସ୍କୁଲ ବନ୍ଦ ରହିଥିଲା। ବନ୍ଦର ପ୍ରଭାବ ଭାରତପୁର ଏବଂ ଜୟପୁରରେ ଅଧିକ ଥିଲା।

# ଡିଜିଟାଲ୍ ସ୍କିଲିଂ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର,୨୧।୮ (ମହାଭାରତ):** ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ କୋର୍ସେରା ସହଭାଗିତାରେ ଡିଜିଟାଲ୍ ସ୍କିଲିଂର ଶୁଭାରମ୍ଭ କରିବା ସହଆଇ.ଆଇ.ଟି ନୂଆଦିଲ୍ଲୀ ସହଭାଗିତାରେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଅପ ସ୍କିଲିଂ ପ୍ରୋଗ୍ରାମ ଆରମ୍ଭ କରିଛନ୍ତି । ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ । ଏହି କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଏସ୍.ଡି.ଟି.ଇ ବିଭାଗ ଦ୍ୱାରା ଯୁବକମାନଙ୍କୁ କୌଶଳ ଦ୍ୱାରା ସଜ୍ଜିତ କରିବା ପାଇଁ ଯେଉଁ ପଦକ୍ଷେପମାନ ନିଆଯାଇଛି ତାହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଏହା ସେମାନଙ୍କୁ ବିଭିନ୍ନ ଶିଳ୍ପରେ ଚାକିରି ପାଇଁ ପ୍ରସ୍ତୁତ ଏବଂ ଅତ୍ୟଧିକ ପ୍ରତିଦ୍ୱନ୍ଦିତାମୂଳକ କରିପାରିବ ।

ଏନ୍.ୟୁ.ଏ ଓଡ଼ିଶା ଯୋଜନା ଅଧୀନରେ ଜେନେରେଟିଭ୍ ଏ.ଆଇ., ସାଇବର ସିକ୍ୟୁରିଟି, ଏ.ଆଇଏବଂଏମ୍.ଏଲ୍.ଆଇ.ଓ.ଟି, ରୋବୋଟିକ୍ସ, କ୍ଲାସଡ୍ ଏଣ୍ଡ ଡାଟା ଆପ୍ଲିକେସନ୍ ଏବଂ ଡାଟା ସାଇନ୍ସେସ୍ ଭଳି ଉଦୀୟମାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବ୍ୟାପକ ତାଲିମ ପ୍ରଦାନ କରିବା ପାଇଁ ଏସ୍.ଡି.ଟି.ଇ ଶିଳ୍ପ ଶିକ୍ଷାନୁଷ୍ଠାନ ଏବଂ ଡିଜିଟାଲ୍ ଦକ୍ଷତା ସଂଗଠନ ଗୁଡ଼ିକ ସହିତ ମୂଲ୍ୟବାନ ଭାଗୀଦାରି କରିଛି ।



ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ଯୁବକମାନଙ୍କ ଦକ୍ଷତା ସମୂହକୁ ବର୍ତମାନର ବଜାର ଚାହିଦା ସହିତ ସମନ୍ୱିତ କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା ଦ୍ୱାରା ସେମାନଙ୍କର ନିଯୁକ୍ତି ସାମର୍ଥ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ ।

ରାଜ୍ୟରସମସ୍ତ ୩୦ଟି ଜିଲ୍ଲାରେ ଯୁବକମାନଙ୍କୁ ୬ ହଜାର ପାଠ୍ୟକ୍ରମ ପ୍ରଦାନକରିବା ପାଇଁଏସ୍.ଡି.ଟି.ଇ ଓ କୋର୍ସେରାମିଳିତ ଭାବେ କାର୍ଯ୍ୟ କରିଛନ୍ତି । ସମଗ୍ର ଓଡ଼ିଶାରେ ଉଚ୍ଚଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍ନିକ୍ ରେ ନାମ ଲେଖାଇଥିବା ବିଭିନ୍ନ ଏକାଡେମିକ୍ ପୃଷ୍ଠଭୂମିର ଶିକ୍ଷାର୍ଥୀମାନଙ୍କୁ ମୋଟ ୧ ଲକ୍ଷ କୋର୍ସେରା ଲାଇସେନ୍ସ ବଂଟନ କରାଯିବ । ସେହିପରି ଏସ୍.ଡି.ଟି.ଇ ଓ ଆଇଆଇଟି ଦିଲ୍ଲୀର ମିଳିତ ସହଯୋଗରେ ବ୍ଲକ୍ ଚେନ୍ ବିକାଶ, ଅଗ୍ମେଂଟେସନ୍ ରିୟଲିଟି, ଭର୍ଚୁଆଲ ରିୟଲିଟି, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ ଆଇଓଟି ସମେତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୪ ହଜାର ଯୁବକମାନଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ଖୁବ୍ଶୀଘ୍ର କଳାହାଣ୍ଡି, ଭବାନୀପାଟଣା ଓ କଟକରେ ଆରମ୍ଭ ହେବ, ଯାହାର ଉଦ୍ଦେଶ୍ୟ ହେଉଛି ଉଚ୍ଚ ଚାହିଦାଏବଂ ବିକଶିତ ଚାକିରି ଭୂମିକାରେ ଛାତ୍ରମାନଙ୍କୁଏକ ପ୍ରତିଦ୍ୱନ୍ଦିତାମୂଳକ ଲାଭ ପ୍ରଦାନ କରିବା ଏବଂ ଶିଳ୍ପ ଚାହିଦା ପୂରଣ କରିବା । ଏହା ବାଦ୍ଏସ୍.ଡି.ଟି.ଇ ଓ ବିମାନ ଚଳାଚଳ କ୍ଷେତ୍ରରେଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପ ବିମାନ ବନ୍ଦର ପରିଚାଳନା, ସୁରକ୍ଷା ଏବଂ ସୁରକ୍ଷା ନିୟମାବଳୀ, ଗ୍ରାହକ ସେବା ଏବଂ ପରିଚାଳନା ଅଭ୍ୟାସରେ ବ୍ୟକ୍ତିମାନଙ୍କୁ ତାଲିମ ଦେବା ଉପରେଧ୍ୟାନ ଦେଇଥାଏ । ବର୍ତମାନ ହାଇଦ୍ରାବାଦ୍ ରେ ୪୦ ଜଣ ତାଲିମ ନେଉଛନ୍ତି । ସେମାନଙ୍କୁ ଗ୍ରାଉଣ୍ଡ ହାଣ୍ଡଲିଂଏବଂ ବିମାନ ବନ୍ଦର ପରିଚାଳନାରେ ସାର୍ଟିଫିକେଟ୍ ପାଇଁ ପ୍ରସ୍ତୁତ କରାଯାଉଛି । କୋଚିର ବାର୍ଡସ ଆଭିଏସନ୍ ଏକାଡେମୀରେ ବିମାନ ବନ୍ଦର ଗ୍ରାଉଣ୍ଡ ହ୍ୟାଣ୍ଡଲିଂରେ ୧୭ ଜଣ ତାଲିମାର୍ଥୀ ବିମାନ ଚଳାଚଳ ସମ୍ବନ୍ଧୀୟ ଦକ୍ଷତା ହାସଲ କରୁଛନ୍ତି ।

# ସମ୍ବଲପୁର ସରଳା ଷ୍ଟେସନରେ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ

**ଭୁବନେଶ୍ୱର,୨୧।୮ (ମହାଭାରତ):** ଭିତିଭୂମିକୁ ସୁଦୃଢ଼ କରିବା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ବୃଦ୍ଧି ପାଉଥିବା ଶିଳ୍ପ ଚାହିଦା ପୂରଣ ଦିଗରେ ପୂର୍ବତଟ ରେଳପଥ ସମ୍ବଲପୁର ନିକଟସ୍ଥ ସରଳା ଷ୍ଟେସନରେ ଏକ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ ଏବଂ ରୁଟିନ୍ ମରାମତି ସୁବିଧାକୁ ସଫଳତାର ସହ କାର୍ଯ୍ୟକ୍ଷମ କରାଇ ଏକ ପ୍ରମୁଖ ମାଇଲଖୁଂଟ ହାସଲ କରିଛି । ରାଇଟ୍ସ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏବଂ ସମ୍ବଲପୁର ରେଳ ମଣ୍ଡଳ ଗତି ଶକ୍ତି ୟୁନିଟ୍ (ଜିଏସୟୁ) ସହଯୋଗରେ ପ୍ରାୟ ୨୦୦ କୋଟି ବିନିଯୋଗ ଦ୍ୱାରା ଏହି ପ୍ରକଳ୍ପକୁ ଜୁନ୍ ରେ ସମ୍ପୂର୍ଣ୍ଣ କରାଯାଇଛି ।

ଭାରତୀୟ ରେଳବାଇରେ ଦ୍ରୁତ ଅଗ୍ରଗତି କରୁଥିବା ସମ୍ବଲପୁର ରେଳମଣ୍ଡଳ ଏହାର ପରିସୀମା ମଧ୍ୟରୁ ଇସ୍ପାତ, ଆଲୁମିନିୟମ୍ ଏବଂ କୋଇଲା କ୍ଷେତ୍ର ସମେତ ଏହି ଅଞ୍ଚଳର ପ୍ରମୁଖ ଶିଳ୍ପଗୁଡିକରେ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି । ଏହି ଅଞ୍ଚଳର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହନ କରିବା ପାଇଁ ସରଳା ଷ୍ଟେସନରେ ପଣ୍ୟବାହୀ ଟ୍ରେନ ପରୀକ୍ଷଣ ଓ ରୁଟିନ ମରାମତି ଡିପୋର ବିକାଶ ଜରୁରୀ ଥିଲା ଯାହାକି କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହିତ ପରିଚାଳନାଗତ ଦକ୍ଷତା ବୃଦ୍ଧି କରାଯାଇ ହେବ । ଏହି ବିକାଶ ପୂର୍ବରୁ, ପଣ୍ୟବାହୀ ଟ୍ରେନ ପରୀକ୍ଷଣ ଓ ମରାମତି ପାଇଁ ଦୂର ସ୍ଥାନକୁ ଯାଞ୍ଚ ପାଇଁ ପଠାଯିବାକୁ ବାଧ କରୁଥିଲା ଯାହା ପରିଚାଳନାହଟ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଥିଲା ।

ଆରଓଏଚ୍ ସେଡ୍, ଏକ ନୂତନ ଷ୍ଟେସନ୍ ବିଲଡିଂ, ଇଲେକ୍ଟ୍ରିକ୍ ସବଷ୍ଟେସନ୍, ଅଫିସ୍, ଟ୍ରେନିଂ ହଷ୍ଟେଲ ଏବଂ ଦୁଇଟି ପରୀକ୍ଷଣ ଲାଇନକୁ ରାଇଟ୍ସ ଦ୍ୱାରା ୧୬୦ କୋଟି ଟଙ୍କା ମୂଲ୍ୟରେ ବିକଶିତ କରାଯାଇ ଜୁନ୍ ୨୦୨୪ ରେ କାର୍ଯ୍ୟସମାପ୍ତ କରାଯାଇଥିଲା । ଗତି ଶକ୍ତି ୟୁନିଟ ଦ୍ୱାରା ଆନୁମାନିକ ପ୍ରାୟ ୪୦ କୋଟି ମୂଲ୍ୟରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ ଏବଂ ଦୁଇଟି ପଣ୍ୟ ପରିବହନ ପରୀକ୍ଷଣ ଲାଇନ ବିକଶିତ କରାଯାଇଛି । ଏହି ଲାଇନ ଗୁଡ଼ିକର ସମ୍ପୂର୍ଣ୍ଣ ବିଦ୍ୟୁତିକରଣ ଅଗଷ୍ଟ ୨୦୨୪ ରେ ସମାପ୍ତ କରାଯାଇଥିଲା ।

ସରଳା ୟାର୍ଡକୁ ୬୪ ଟି ନୂତନ ଟର୍ନଆଉଟ୍ ଏବଂ ୧୦.୪ ଟ୍ରାକ କିଲୋମିଟରର ନୂତନ ଟ୍ରାକ୍ ନିର୍ମାଣ କରାଯାଇଅଛି ଏବଂ ନୂତନ ଆଧୁନିକ ପ୍ରଣାଳୀ ଉପଯୋଗ କରାଯାଇ ରୂପାନ୍ତରିତ ସହିତ ୧୯୫ ରୁଟ୍ ର କାର୍ଯ୍ୟକ୍ଷମ କରାଯାଇଅଛି ।

ଏହି କାର୍ଯ୍ୟରେ ଅପ ଓ ଡ଼ାଉନ ମେନ୍ ଲାଇନ୍ ରେ ନନ-ଇଂଟରଲକିଙ୍ଗ ଓ ଇଂଟରଲକିଙ୍ଗ କାର୍ଯ୍ୟ ବ୍ଲକଗୁଡିକର ଯନ୍ତ୍ର ସହ ଯୋଜନା କରାଯାଇଥିଲା ଏବଂ ପଣ୍ୟ ପରିବହନ କାର୍ଯ୍ୟରେ ସର୍ବନିମ୍ନ ବ୍ୟାଘାତ ସହିତ ନୂତନ ଭିତିଭୂମି ବିକାଶ କରାଯାଇଥିଲା ।

୧୪ ଜୁନ୍ ୨୦୨୪ ରେ ନୂତନ ସରଳା ୟାର୍ଡ଼କୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଗଲା ଏବଂ ୨୫ ଜୁନ୍ ୨୦୨୪ ରେ ପଣ୍ୟବାହୀ ଟ୍ରେନ୍ ପରୀକ୍ଷା ଆରମ୍ଭ ହୋଇଥିଲା। ୧୩ ଅଗଷ୍ଟ ୨୦୨୪ ରେ ପ୍ରଥମ ରହ (ରୁଟିନ ମରାମତି) କାର୍ଯ୍ୟ ହାସଲ କରାଯାଇଥିଲା।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ରେଳ ଲାଇନ ପ୍ରକଳ୍ପରେ ୨ କିମି ଦୈର୍ଘ୍ୟ ଟନେଲ କାର୍ଯ୍ୟ ଶେଷ

**ଭୁବନେଶ୍ୱର,୨୧।୮ (ମହାଭାରତ):** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପରେ ଏକ ମହତ୍ୱପୂର୍ଣ୍ଣ ସଫଳତାରେ ପୂର୍ବତଟ ରେଳପଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ପୁରୁଣାକଟକ ଓ ଚାରିଛକ ମଧ୍ୟରେ ୧,୯୭୫ ମିଟର ଲମ୍ବ ଟନେଲ୍ (ଟନେଲ୍ ନମ୍ବର ୦୭) ର ନିର୍ମାଣ କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରିଛି । ଏହି ଅଂଚଳରେ ରେଳ ସଂଯୋଗର ସମ୍ପ୍ରସାରଣ ଏବଂ ଉନ୍ନତି ପାଇଁ ଚାଲୁରହିଥିବା ପ୍ରୟାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇଛି ।

ଓଡ଼ିଶାରେ ପ୍ରମୁଖ ଭିତିଭୂମି ପ୍ରକଳ୍ପର ଠିକ ସମୟରେ ସମାପ୍ତ କରିବାକୁ ରେଳ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଆସୁଅଛି ଯାହାଦ୍ୱାରା ରାଜ୍ୟର ବିକାଶକୁ ପ୍ରାଥମିକତା ଭିତିରେ ତ୍ୱରାନ୍ୱିତ କରାଯାଉଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ହେଉଛି ଏହିପରି ଏକ ପ୍ରକଳ୍ପ ଯାହା ସଂଯୋଗକୁ ବୃଦ୍ଧି କରିବା ଏବଂ ଏହି ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ବିଭିନ୍ନ ରେଳ ପ୍ରକଳ୍ପର ଅଗ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଭିତିଭୂମି ନିର୍ମାଣ କ୍ଷେତ୍ରରେ ବିଭିନ୍ନ ସଂସ୍ଥା ଓ କାର୍ଯ୍ୟାଳୟ ଗୁଡିକ ସହିତ ସମନ୍ୱୟ ରଖି ବାଧା ଉପୁଜୁଥିବା ବିଷୟବସ୍ତୁକୁ ସମାଧାନ କରାଇ ପ୍ରକଳ୍ପ କାର୍ଯ୍ୟକୁ ସମାପ୍ତ କରିବାକୁ ସେ ଅଧିକାରୀ ମାନଙ୍କୁ ଉପଦେଶ ଦେଇଛନ୍ତି ।୧,୯୭୫ ମିଟର ଟନେଲର ସଫଳତା ପୂର୍ବତଟ ରେଳପଥ ନିର୍ମାଣ ସଂସ୍ଥାର କୁଶଳୀ ଇଞ୍ଜିନିୟରିଂ ଦଳ ଦ୍ୱାରା ବୌଦ୍ଧ ଜିଲ୍ଲାରେ ଅନ୍ତିମ ବିସ୍ଫୋରଣ କରାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ମାଇଲଖୁଣ୍ଟ ସମ୍ପୃକ୍ତ ଦଳର ଉତ୍ସର୍ଗୀକୃତ ଏବଂ ବୈଷୟିକ ଜ୍ଞାନର ଏକ ପ୍ରମାଣ ଅଟେ । ଖୋର୍ଦ୍ଧା ରୋଡ-ବାଲାଙ୍ଗୀର ପ୍ରକଳ୍ପ ପାଇଁ ଯୋଜନା ହୋଇଥିବା ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୮୩ କିଲୋମିଟର ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି । ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରର ଉଭୟ ପାର୍ଶ୍ୱରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ଝାରମୁଣ୍ଡା ପର୍ଯ୍ୟନ୍ତ ୭୭ କିଲୋମିଟରେ କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି । ଏହା ସହିତ, ଝରମୁଣ୍ଡା ଠାରୁ ବୌଦ୍ଧ ପର୍ଯ୍ୟନ୍ତ ୧୬.୨୭ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି ।

# ଇ-ଚାଷ ଆପ୍ ଓ ପୋର୍ଟାଲର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୮ (ମହାଭାରତ):** କୃଷି କ୍ଷେତ୍ରରେ ଡିଜିଟାଲ ସର୍ବେକ୍ଷଣ ନୀତି ଆପଣେଇ ଫସଲ ଉତ୍ପାଦନ ଓ ପ୍ରକ୍ରିୟାକରଣକୁ ସହଜ କରିବା ପାଇଁ ଇ-ଚାଷ ଆପ୍ ଓ ପୋର୍ଟାଲର ଶୁଭାରମ୍ଭ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓୟୁଏଟି ପରିସରରେ ଥିବା ରିସର୍ଚ୍ଚ ପ୍ଲଟରେ କରିଛନ୍ତି । ଇ-ଆପ୍ ଓ ପୋର୍ଟାଲର ଆନୁଷ୍ଠାନିକ ଉନ୍ମୋଚନବେଳେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ବୈଜ୍ଞାନିକ, କୃଷି ବିଶେଷଜ୍ଞ ଓ ଚାଷୀ ଭାଇଭଉଣୀମାନେ ଉପସ୍ଥିତ ଥିଲେ ।

ସମଗ୍ର ଓଡ଼ିଶାରେ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ସମୃଦ୍ଧ କୃଷକ ନୀତିକୁ ପ୍ରୋତ୍ସାହନ ଯୋଗାଇବା ସହ ଦୁର୍ଗମ ତଥା ଅପହଂଚ ଇଲାକାରେ ହେଉଥିବା ଫସଲର ମଧ୍ୟ ସଠିକ ତଥ୍ୟ ପ୍ରଦାନ କରିବ । ଯେଉଁ ତଥ୍ୟକୁ ଆଧାର କରି ପରବର୍ତୀ ସମୟରେ କୃଷି କ୍ଷେତ୍ରରେ ସୁଦୃଢ ନୀତି ପ୍ରଣୟନ କରିବାରେ ଏହା ସହାୟକ ହେବ । ଇ-ଚାଷ ଆପ୍ ଓ ପୋର୍ଟାଲ ଡିଜିଟାଲ ଫସଲ ସର୍ବେକ୍ଷଣ ଓଡ଼ିଶାରେ ପ୍ରଯୁକ୍ତିଭିତିକ କୃଷି ସେବାକୁ ତ୍ୱରାନ୍ୱିତ କରିବ । କୃଷି କ୍ଷେତ୍ରରେ ଡିଜିଟାଲ ସର୍ବେକ୍ଷଣ ନୀତି ଆପଣେଇବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଏବଂ ଏହି ଆପ୍ ଓ ପୋର୍ଟାଲ ଯୋଗୁଁ ପ୍ରାୟ ୪୮ ଲକ୍ଷ ଚାଷୀ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ।



କୃଷି କ୍ଷେତ୍ରରେ ଇ-ଚାଷ ଆପ୍ ଓ ପୋର୍ଟାଲ ଏକ ନିର୍ଣ୍ଣାୟକ ପଦକ୍ଷେପ । ଏହା ଦ୍ୱାରା କୃଷକମାନଙ୍କୁ ଏକ ବିସ୍ତୃତ, ସିଙ୍ଗଲ ୱିଣ୍ଡୋ ପ୍ଲାଟଫର୍ମ ପ୍ରଦାନ କରିବ। ଏହା ଦ୍ୱାରା ଯେକୌଣସି ସମୟରେ ଓ ପାଣିପାଗରେ ମଧ ଫସଲ ସମ୍ବନ୍ଧୀୟ ତଥ୍ୟ ଓ ସୂଚନା ଯାଂଚ କରାଯାଇପାରିବ। ୨୦୨୩ ବର୍ଷରେ ଭଦ୍ରକ, ଦେବଗଡ଼, ନୂଆପଡ଼ା ଓ ନୟାଗଡ଼ ଜିଲ୍ଲାରେ ଏହି ସର୍ବେକ୍ଷଣକୁ ପାଇଲଟ ପ୍ରୋଜେକ୍ଟ ଭାବେ ପରୀକ୍ଷଣ କରାଯାଇଥିଲା । ଏଥିରେ ପ୍ରାୟ ୩୦ ଲକ୍ଷ ପ୍ଲଟକୁ ସଫଳ ଭାବେ ସର୍ବେକ୍ଷଣ କରିବା ପରେ ବର୍ତମାନ ସାରା ଓଡ଼ିଶାରେ ଏହାକୁ ସମ୍ପ୍ରସାରିତ କରାଯାଇଛି । ଏଥିରେ ପ୍ରାୟ ୩ କୋଟି ଭୂ-ପ୍ରସଙ୍ଗ କୃଷି ପ୍ଲଟ ୪୮ ଲକ୍ଷ ହେକଟର ଜମିରେ ସର୍ବେକ୍ଷଣ କରାଯିବ । ଏଥିପାଇଁ ୨୮ ହଜାର ସର୍ବେକ୍ଷଣକାରୀ ୮ ହଜାର ସୁପରଭାଇଜର ଓ ୧୪୦୦ ଯାଂଚକାରୀ ନିୟୋଜିତ ହୋଇଛନ୍ତି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ପାଢୀ କହିଥିଲେ । ଚାଷୀ ଭାଇମାନେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ବନ୍ଧରେ ସଠିକ ତଥ୍ୟ ପାଇପାରିବେ, ସେମାନଙ୍କ ସମସ୍ୟା ବିଷୟରେ ଜଣାଇ ପାରିବେ ଓ ମାର୍ଗଦର୍ଶନ ପାଇପାରିବେ । ଏଥି ନିମନ୍ତେ କୃଷକ ସମୃଦ୍ଧି ହେଲ୍ପ ଲାଇନ୍ (୧୫୫୩୩୩) ମାଧ୍ୟମରେ ସୂଚନା ଓ ପରାମର୍ଶ ପାଇପାରିବେ ।

# କିମ୍ସରେ ପ୍ରଥମ ନ୍ୟୁରୋ ଅପଡ଼େଟ୍ ୨୦୨୪ ଅନୁଷ୍ଠିତ

**ଭୁବନେଶ୍ୱର,୨୧।୮ (ମହାଭାରତ):** କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସେସ୍(କିମ୍ସ)ରେ ନ୍ୟୁରୋଲୋଜି ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ କିମ୍ସ ନ୍ୟୁରୋଲେଜି ବିଭାଗ ସହଯୋଗରେ ପ୍ରଥମ ନ୍ୟୁରୋ ଅପଡ଼େଟ୍ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ । ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ଖ୍ୟାତିସମ୍ପନ୍ନ ସ୍ନାୟୁରୋଗ ବିଶେଷଜ୍ଞ ଯୋଗଦେଇ ସ୍ନାୟୁରୋଗ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଓ ଗବେଷଣା ଉପରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଭାରତର ଖ୍ୟାତିସମ୍ପନ୍ନ ଇପିଲେପ୍ଟୋଲୋଜିଷ୍ଟ ଓ ସ୍ନାୟୁରୋଗ ବିଶେଷଜ୍ଞ ତଥା କିମ୍ସର ପ୍ରଫେସର ଏମିରଟ୍ସ ଡ଼ା. ପି ସତିଶଚନ୍ଦ୍ର ଯୋଗଦେଇ ଷ୍ଟ୍ରୋକ୍ର ପ୍ରତିରୋଧ, ଚିକିତ୍ସା ଓ ଲକ୍ଷଣ ଉପରେ ଆଲୋକପାତ କରିଥିଲେ । ସେ କହିଲେ, କୌଣସି ବ୍ୟକ୍ତିଙ୍କଠାରେ ସନ୍ତୁଳନ ହରାଇବା, ଉଭୟ ଆଖିରେ ଦେଖିବା ସମସ୍ୟା, ମୁହଁ ବଙ୍କା ହୋଇଯିବା, ବାହୁରେ ଦୁର୍ବଳତା କିମ୍ବା କଥା କହିବାରେ ସମସ୍ୟା ଆଦି ଷ୍ଟ୍ରୋକର ଲକ୍ଷଣ ଦେଖାଦେଲେ ତୁରନ୍ତ ତାଙ୍କୁ



ଡ଼ାକ୍ତରଖାନାରେ ପହଞ୍ଚାଇବା ଆବଶ୍ୟକ । ଷ୍ଟ୍ରୋକ୍ ହେଉଛି ଏକ ସମୟ ଭିତ୍ତିକ ସଙ୍କଟାପନ୍ନ ମେଡ଼ିକାଲ ଆପତକାଳ ଏବଂ ମସ୍ତିଷ୍କରେ ସର୍ବାଧିକ କ୍ଷତି ରୋକିବା ନିମନ୍ତେ ଷ୍ଟ୍ରୋକ୍ ହେବାର ୪ରୁ ୫ ଘଣ୍ଟା ମଧ୍ୟରେ ରୋଗୀ ହସ୍ପିଟାଲ୍ରେ ପହଞ୍ଚିବା ଆବଶ୍ୟକ ବୋଲି ପ୍ରଫେସର ଡ଼ା. ସତିଶ ଚନ୍ଦ୍ର କହିଥିଲେ । ମଧୁମେହ, ମେଦବହୁଳତା, ପୁରୁଣା ହୃଦରୋଗ, ଧୂମପାନ ଓ ମଦ୍ୟପାନ ଯୋଗୁଁ ଷ୍ଟ୍ରୋକର ଆଶଙ୍କା ରହିଥାଏ । ତେଣୁ ଜଣେ ବ୍ୟକ୍ତିକୁ ୪୦ବର୍ଷର ଉର୍ଦ୍ଧ୍ୱ ବୟସ ହେବା ପରେ ସେ ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରି ଡ଼ାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୧୦୦ରୁ ଉର୍ଦ୍ଧ୍ୱ ସ୍ନାୟୁରୋଗ ବିଶେଷଜ୍ଞ ଯୋଗଦେଇଥିଲେ । ସୂଚନାଯୋଗ୍ୟ, କିମ୍ସରେ ଏକ ଅତ୍ୟାଧୁନିକ ଷ୍ଟ୍ରୋକ ସେଣ୍ଟର ପ୍ରତିଷ୍ଠା କରାଯାଇଛି । ଏହି ସେଣ୍ଟରରେ ସପ୍ତାହର ସାତ ଦିନ ସବୁ ସମୟରେ ଷ୍ଟ୍ରୋକ୍ ବିଶେଷଜ୍ଞ ଉପଲବ୍ଧ ସହ ତ୍ୱରିତ ନିଦାନ ଯଥା ସିଟି ସ୍କାନ୍, ଏମ୍ଆରଆଇ, ଠିକ୍ ସମୟରେ କ୍ଲଟ୍-ବୁଷ୍ଟିଂ ମେଡ଼ିସିନ୍ର ଉପଯୋଗ ଏବଂ ଆବଶ୍ୟକ ଅନୁଯାୟୀ ମିନିମାଲି ଇନ୍ଭାସିଭ କ୍ଲଟ୍ ରିମୁଭାଲ୍ ପଦ୍ଧତି ସୁବିଧା ରହିଛି । ଏହି ଷ୍ଟ୍ରୋକ୍ ସେଣ୍ଟର ରୋଗୀଙ୍କ ସର୍ବୋତ୍କୃଷ୍ଟ ଯତ୍ନ ସୁନିଶ୍ଚିତ କରିବା ସହ ଏଭଳି ବିଶେଷଜ୍ଞ ଦ୍ୱାରା ଚିକିତ୍ସା ପ୍ରଦାନ କରାଯାଇଥାଏ ଯେଉଁମାନେ ଷ୍ଟ୍ରୋକ୍ର ତ୍ୱରିତ ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ବୁଝିଛନ୍ତି ।

## ଟେକ୍ ଇଣ୍ଡଷ୍ଟ୍ରିରେ କ୍ୟାରିୟର ବୃଦ୍ଧି ପାଇଁ ୨୦୦ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କ ସହିତ ଆଇ-ମେରିଟ୍ ମିଳିତ

**ଭୁବନେଶ୍ୱର,୨୧।୮ (ମହାଭାରତ):** ଏକାଡେମିକ୍ ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ବ୍ୟବଧାନକୁ ଦୂର କରିବା ପାଇଁ ପରିକଳ୍ପିତ ଏକ ପରିବର୍ତନଶୀଳ ପଦକ୍ଷେପ ଦ୍ୱାରା ସ୍କଲାରସ୍ ମେରିଟ ଇ-ମେରିଟ୍ ପ୍ରୋଗ୍ରାମର ଶୁଭାରମ୍ଭ ଘୋଷଣା କରିଥିବାରୁ ଗର୍ବିତ । ଶିକ୍ଷାର୍ଥୀମାନଙ୍କୁ ବୈଷୟିକ ଶିଳ୍ପରେ ଉତ୍କର୍ଷ କରିବା ପାଇଁ ଆବଶ୍ୟକ କୌଶଳ ଏବଂ ଜ୍ଞାନ ପ୍ରଦାନ କରିବାକୁ ୨୦୦ ଶିକ୍ଷାନୁଷ୍ଠାନ ସହିତ ମିଳିତ ହେବାକୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି । ସ୍କଲାରସ ମେରିଟ ଦ୍ୱାରା ବିକଶିତ ହୋଇଥିବା ଆଇ-ମେରିଟ ପ୍ରୋଗ୍ରାମ, ଶିକ୍ଷା ଏବଂ ବୃତିଗତ କ୍ଷେତ୍ରରେ ସାମଗ୍ରିକ ଅଭିବୃଦ୍ଧି ପାଇଁ ଏକ ଗତିଶୀଳ ଅନ୍‌ଲାଇନ ପ୍ଲାଟଫର୍ମ, ଛାତ୍ର ଏବଂ ପ୍ରାଥମିକ ବୃତିଗତଙ୍କ ପାଇଁ ଚାକିରି ସୁସଙ୍ଗତତା ବୃଦ୍ଧି ପାଇଁ ଉତ୍ସର୍ଗୀକୃତ । ସେମାନଙ୍କୁ କର୍ପୋରେଟ ସଂସ୍କୃତି ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ଆକାଂକ୍ଷା ସହିତ ମିଳିତ କରି, ଆଇ-ମେରିଟ ଅଂଶଗ୍ରହଣକାରୀମାନଙ୍କୁ କର୍ପୋରେଟ ଜଗତର ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖିଛି । ନିକଟରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଚଳିତ ବର୍ଷ ସ୍ନାତକ ହାସଲ କରିଥିବା ୧୦୨ଟି ଇଞ୍ଜିନିୟରିଂ ଛାତ୍ରଙ୍କ ମଧ୍ୟରୁ କେବଳ ଜଣେ ଚାକିରି କରିପାରନ୍ତି ।

# ଇବ୍ ନଦୀ ଉପରେ ନୂତନ ପୋଲ ନିର୍ମାଣ ନେଇ ଗଡ଼କରୀଙ୍କୁ ପତ୍ର ଲେଖିଲେ ସୁରେଶ ପୂଜାରୀ

**ଭୁବନେଶ୍ୱର,୨୧।୮ (ମହାଭାରତ):** ଇବ୍ ନଦୀ ଉପରେ ଜାତୀୟ ରାଜପଥ ୪୯ (ପୁରୁଣା ଜାତୀୟ ରାଜପଥ-୨୦୦)ର ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୋଲ ବଦଳରେ ଏକ ନୂତନ ପୋଲ ନିର୍ମାଣ ପାଇଁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଲୋକସଭା ସଦସ୍ୟ ଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଆଲୋଚନା କରିଥିଲେ । ଇତି ମଧ୍ୟରେ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ଆଂଚଳିକ ଅଧିକାରୀ ୨୪/୦୭/ ୨୦୨୪ରେ ଡିପିଆର ସହ ଆପତି-ଅଭିଯୋଗ ଓ ପର୍ଯ୍ୟବେକ୍ଷଣ ସଂପର୍କିତ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିସାରିଛନ୍ତି ।

ମନ୍ତ୍ରୀ ଶ୍ରୀ ପୂଜାରୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଜଣାଇବାକୁ ଚାହିଁଛନ୍ତି ଯେ ତାଙ୍କ ନିର୍ବାଚନ ମଣ୍ଡଳୀ ସହ ଛତିଶଗଡ଼ ଆଦି ବିଭିନ୍ନ ସ୍ଥାନରୁ ଇବ୍ ନଦୀ ଉପରେ ଥିବା ଏହି ବିପଦସଙ୍କୁଳ ପୋଲ ଉପରେ ଦୈନନ୍ଦିନ ପ୍ରାୟ ୮୦୦ରୁ ଅଧିକ ଟ୍ରକ/ଟିପର ଚଳାଚଳ କରୁଛନ୍ତି । ସେହିପରି ମହାନଦୀ କୋଲଫିଲ୍ଡର ଲଖନପୁର, ବ୍ରଜରାଜନଗର ଓ ଓରିଏଂଟ କୋଲିଆରିରୁ ଏହି ବାଟ ଦେଇ ବିଜୁ ଏକ୍ସପ୍ରେସ୍ ? ୱେ ପର୍ଯ୍ୟନ୍ତ ବହୁ ଯାନ ଚଳାଚଳ କରୁଛନ୍ତି । ଯେହେତୁ ଏହି ପୋଲଟି ୬୦ ବର୍ଷ ପୁରୁଣା ଓ ଭଗ୍ନ, ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ସ୍ଥାନୀୟ ଜନସାଧାରଣ ଏହାକୁ ନେଇ ଅସୁରକ୍ଷିତ ମନେ କରୁଛନ୍ତି । ଦୀର୍ଘଦିନରୁ ନୂତନ ପୋଲ ନିର୍ମାଣ ପାଇଁ ସେମାନେ ଦାବି କରିବା ସହ ଖୁବ୍ଶୀଘ୍ର ପୋଲ ନିର୍ମାଣ ପାଇଁ ଆଶା ରଖିଛନ୍ତି ।

ଏହି ମର୍ମରେ ମନ୍ତ୍ରୀ ଶ୍ରୀ ପୂଜାରୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କୁ ପତ୍ର ଲେଖି ତାଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଯଥାଶୀଘ୍ର ଏହି ପୋଲ ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇଦେବା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି ।

# ଜିନ୍ଦଲ ପଲି ଫିଲ୍ମସ୍ ଲିମିଟେଡର ତ୍ରୈମାସିକ ରାଜସ୍ୱରେ ୪୧% ବୃଦ୍ଧି

**ଭୁବନେଶ୍ୱର,୨୧।୮ (ମହାଭାରତ):** ଜିନ୍ଦଲ ପଲି ଫିଲ୍ମ ଲିମିଟେଡ୍ ପକ୍ଷରୁ ୨୦୨୪ ଜୁନ୍ ସୁଦ୍ଧା ଶେଷ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ବଜାରରେ ଆହ୍ୱାନପୂର୍ଣ୍ଣ ସ୍ଥିତି ସତ୍ତ୍ୱେ କମ୍ପାନି ଆଗକୁ ବଢ଼ିବା ଜାରି ରଖିଛି । ୨୦୨୪-୨୫ ଆର୍ଥିକ ବର୍ଷର ଏହି ପ୍ରଥମ ତ୍ରୈମାସିକରେ କମ୍ପାନିର ରାଜସ୍ୱ ୪୧ ପ୍ରତିଶତ ବୃଦ୍ଧି ପାଇଛି । କମ୍ପାନିର ଇବିଆଇଟିଡିଏ ମାର୍ଜିନ୍ରେ ଉନ୍ନତି ଯୋଗୁଁ ଭାରତରେ ଏହାର ପ୍ୟାକେଜିଂ ବ୍ୟବସାୟର ରାଜସ୍ୱ ବଢ଼ିଛି । ଏହି ସମୟରେ ଭାରତୀୟ ପ୍ୟାକେଜିଂ ବ୍ୟବସାୟ ୯୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି । କମ୍ପାନିର ଇବିଆଇଟିଡିଏରେ ୧୪୨ ପ୍ରତିଶତ ବୃଦ୍ଧି ହୋଇଛି । କମ୍ପାନିର ଇବିଆଇଟିଡିଏ ଓ ରାଜସ୍ୱ ଅଭିବୃଦ୍ଧି ଶିଳ୍ପ ତୁଳନାରେ ଅଧିକ ରହିଛି ।

କମ୍ପାନିର ପ୍ରଦର୍ଶନ ସମ୍ପର୍କରେ ଜେପିଏଫ୍‌ଏଲ୍ ଫିଲ୍ମସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ କୁମାର ଗୁପ୍ତା କହିଛନ୍ତି ଯେ, "ଆମ ଫଳାଫଳ ଜଟିଳ ବଜାର ସ୍ଥିତିକୁ ଅତିକ୍ରମ କରିବାରେ ଜେପିଏଫ୍‌ଏଲ୍ ଫିଲ୍ମସର ଗ୍ରହଣୀୟତା ଓ ଦୃଢ଼ତାକୁ ଦର୍ଶାଉଛି । ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସତ୍ତ୍ୱେ ଆମେ ଆମ ବଜାର ସ୍ଥିତି ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛୁ । ଭବିଷ୍ୟତକୁ ନେଇ ଜିନ୍ଦଲ ପଲିଫିଲ୍ମସ ଲିମିଟେଡ୍ ସତର୍କତାର ସହ ଆଶାବାଦୀ ରହିଛି । ବଜାରରେ ପ୍ରତିକୂଳ ପରିସ୍ଥିତିକୁ ଭଲ ଭାବେ ବୁଝିପାରିବା ସହ ନିଜର ଦୃଢ଼ତାକୁ ଉପଯୋଗ କରି ସୁଯୋଗ ହାସଲ କରିବା ନେଇ କମ୍ପାନିର ବିଶ୍ୱାସ ରହିଛି ।

# ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଭାରତ ବନ୍ଦ ଚକ୍ରାନ୍ତ

**ଭୁବନେଶ୍ୱର,୨୧।୮ (ମହାଭାରତ):** ପ୍ରଧାନମନ୍ତ୍ରୀଙ୍କ ଉପରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ଆସ୍ଥା ଓ ଭରଷା ଅଛି । ୨୦୧୪ମସିହାରେ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ କିପରି ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସ୍ୱାର୍ଥ ରକ୍ଷା କରାଯିବ ସହିତ ସାମାଜିକ, ରାଜନୈତିକ, ମନ୍ତ୍ରୀମଣ୍ଡଳର ସବୁ ଜାଗାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ ସେ ନେଇ ଚେଷ୍ଟା କରିଥିଲେ । ମୋଦିଜୀ ଆମ୍ବେଦକରଙ୍କୁ ସମ୍ମାନ ଦେବା ପାଇଁ ପଂଚତୀର୍ଥର ବ୍ୟବସ୍ଥା କରିଛନ୍ତି । ଅପରପକ୍ଷେ ଆମ୍ବେଦକରଙ୍କୁ ଅତୀତ ଦିନରେ ଯେଉଁ ଦଳମାନେ ସମ୍ମାନ ଦେଇନଥିଲେ ଆଜି ସେମାନଙ୍କ ଇଙ୍ଗିତରେ ଭାରତ ବନ୍ଦ କାର୍ଯ୍ୟକ୍ରମ ଚାଲୁଛି, ଯାହା ଅତ୍ୟନ୍ତ ନିନ୍ଦନୀୟ । ବିଜେପି ସରକାରକୁ ବଦନାମ କରିବା ପାଇଁ ଭାରତବନ୍ଦ ଡାକରା ଦିଆଯାଇଛି । "ଭାରତ ବନ୍ଦ ଡାକରା"ରେ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ଯୋଡି ନହେବା ସହ ଆନ୍ଦୋଳନକୁ ସଫଳ କରିବାକୁ ଦେଇନାହାନ୍ତି ।



"ଭାରତ ବନ୍ଦ ଡାକରା"କୁ ଅସଫଳ କରିଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଲେ ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ସାଂସଦ ଡ. ବିଭୂ ପ୍ରସାଦ ତରାଇ ।

ଅନୁସୂଚିତ ଜାତି ଓ ଜନଜାତିର ବର୍ଗୀକରଣ ଆଧାରରେ କ୍ରିମି ଲେୟରମାନଙ୍କୁ ସଂରକ୍ଷଣରୁ ବାଦ୍ ଦେବା ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପ୍ରଦାନ କରିବ । ପରିପ୍ରେକ୍ଷୀରେ ବିଜେପିର ସମସ୍ତ ଏସ୍‌ସି ଓ ଏସ୍‌ଟି ସାଂସଦମାନେ ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ । କ୍ରିମୀ ଲେୟର ଆଧାରରେ ଏସ୍‌ସି, ଏସ୍‌ଟିଙ୍କ ମଧ୍ୟରେ ବର୍ଗୀକରଣ କରି ବିଭେଦ ସୃଷ୍ଟି ନକରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ଅନୁରୋଧ କରାଯାଇଥିଲା ଏବଂ ଏହି ଟିପ୍ପଣୀକୁ ନେଇ ବିଚଳିତ କିମ୍ବା ଭୟଭୀତ ନହେବା ପାଇଁ ପ୍ରିୟ ପ୍ରଧାନମନ୍ତ୍ରୀ ମୋଦିଜୀ ଆଶ୍ୱସ୍ତି ପ୍ରଦାନ କରିଥିଲେ ବୋଲି ଡ.ତରାଇ କହିଛନ୍ତି ।

ଅତୀତରେ ଏସ୍‌ସି/ଏସ୍‌ଟି ଆଇନ ଅନୁସାରେ ଏତଲାକୁ ନେଇ ମାନ୍ୟବର ସୁପ୍ରିକୋର୍ଟର ନିଷ୍ପତିକୁ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ସଂସଦରେ ରଦ୍ଦ କରାଯାଇଥିଲା । ଅନ୍ୟ ପଟେ କିଛି ନ୍ୟସ୍ତ ସ୍ୱାର୍ଥ କୁଚକ୍ରାନ୍ତକାରୀ ଗୋଷ୍ଠୀ ଏହି ଘଟଣା ପ୍ରସଙ୍ଗରେ ବିଭ୍ରାନ୍ତିକର ତଥ୍ୟ ଦେଇ ଭାରତ ବନ୍ଦର ଡାକରା ଦେବା ଅତ୍ୟନ୍ତ ନିନ୍ଦନୀୟ । ଦେଶରେ ଅନାବଶ୍ୟକ ଅଶାନ୍ତ ଓ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ "ଇଣ୍ଡି ମେଂଟ"ର ଦଳମାନଙ୍କ ଚକ୍ରାନ୍ତ ଅଟେ । ଏହି ଆନ୍ଦୋଳନରେ ଓଡ଼ିଶାର କୌଣସି ଅନୁସୂଚିତ ଜାତି ଓ ଜନଜାତିର ଲୋକମାନେ ପ୍ରଭାବିତ ହେବେ ନାହିଁ ବୋଲି ଡ.ତରାଇ କହିଛନ୍ତି ।

# ମଦମୃତ୍ୟୁ ମାମଲାର ଅନୁଧ୍ୟାନ କରିବ ବିଜେଡ଼ିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଭୁବନେଶ୍ୱର,୨୧।୮ (ମହାଭାରତ):** ଚିକିଟି ମଦ ମୃତ୍ୟୁ ମାମଲାର ଅନୁଧ୍ୟାନ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛି ବିଜେଡି । ଏହି ଟିମ୍ ଚିକିଟି ଗସ୍ତ କରି ଅନୁଧ୍ୟାନ କରିବା ପରେ ରିପୋର୍ଟ ପ୍ରସ୍ତୁତ କରି ବିଜେଡି ସୁପ୍ରିମୋଙ୍କୁ ଦେବ । ଏହି ଘଟଣାରେ ବର୍ତମାନ ସୁଦ୍ଧା ୨ ଜଣଙ୍କ ମୃତ୍ୟୁ ହୋଇଛି ।

ବୁଧବାର ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବିଜେପି ସରକାର ଦାୟିତ୍ୱ ନେବାର ଶହେ ଦିନ ନ ପୁରୁଣୁ ଅପମିଶ୍ରିତ ମଦ ପିଇ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ଠାରେ ୨ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଲୋକ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏହି ଘଟଣା ବାବଦରେ ଆଜି ବିଜୁ ଜନତା ଦଳ ବିଧାନସଭାରେ ପ୍ରଶ୍ନ ଉଠାଇଛି । ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଏହି ମଦମୃତ୍ୟୁ ଘଟଣାର ଅନୁଧ୍ୟାନ ପାଇଁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି । ଏହି ଟିମ୍ ରେ ଶ୍ରୀ ପୂଜାରୀଙ୍କ ସହ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ, ପୂର୍ବତନ ବିଧାୟକ ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ବିକ୍ରମ କୁମାର ପଣ୍ଡା ରହିଛନ୍ତି । ଆସନ୍ତାକାଲି ସକାଳେ ଏହି ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସଭାପତି ନବୀନ ପଟ୍ଟନାୟକଙ୍କୁ ମଦମୃତ୍ୟୁ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିବେ ।

# ଧ୍ୱଂସ ସ୍ତୁପରେ ଗାଜା

ସହର ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଗଲାଣି। ହଜାର ହଜାର ନିରୀହ ବ୍ୟକ୍ତି ଏଥିରେ ପ୍ରାଣ ହରାଇଲେଣି। ହମାସର ଅନେକ ଆଡ୍ଡାସ୍ଥଳୀ ମଧ୍ୟ ଧ୍ୱଂସ ହୋଇଛି। ଅନେକ ରାଷ୍ଟ୍ର ଏବଂ ସଙ୍ଗଠନ ଗାଜା ଉପରେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରୁଛନ୍ତି ଏବଂ ଇସ୍ରାଏଲ ଆକ୍ରମଣକୁ ଅମାନବୀୟ ବୋଲି କହୁଛନ୍ତି। କିନ୍ତୁ ହମାସ ଭଳି ଏକ ଆତଙ୍କୀ ସଙ୍ଗଠନର ବର୍ବରତାକୁ ସେମାନେ ନିନ୍ଦା କରୁନାହାଁନ୍ତି। ଏହାକୁ କହନ୍ତି ଦୋମୁହାଁ ନୀତି। ଇସ୍ରାଏଲ-ହମାସ ଲଢ଼େଇରେ ଅନେକ ନିରୀହ ଲୋକ ପ୍ରାଣ ହରାଇବା ନିଶ୍ଚିତ ଭାବେ ଏକ ଦୁଃଖଦାୟକ ଘଟଣା। ଏହି ଯୁଦ୍ଧ ତୁରନ୍ତ ବନ୍ଦ ହେବା ଉଚିତ ଏବଂ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବା ଉଚିତ। ବିଶ୍ୱର ସବୁ ଶାନ୍ତିକାମୀ ଏବଂ ସଭ୍ୟ ତଥା ଗଣତାନ୍ତ୍ରିକ ରାଷ୍ଟ୍ର, ବ୍ୟକ୍ତି ଏହା ଚାହାଁନ୍ତି। କିନ୍ତୁ ଏବେ ବି ହମାସ କବଳରେ ଇସ୍ରାଏଲର କିଛି ବ୍ୟକ୍ତି ପଣବନ୍ଦୀ ହୋଇ ରହିଛନ୍ତି। ସେମାନେ ବଂଚିଛନ୍ତି କି ନାହିଁ କେହି ଜାଣନ୍ତିନି। ଯେଉଁମାନେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରୁଛନ୍ତି, ସେମାନେ ପଣବନ୍ଦୀଙ୍କୁ ଛାଡ଼ିବା ପାଇଁ ହମାସ ଉପରେ ଚାପ ପ୍ରୟୋଗ କରିବାକୁ କାହିଁକି କୁଣ୍ଠାବୋଧ କରୁଛନ୍ତି ତାହା ବୁଝାପଡୁନି। ଇତିମଧ୍ୟରେ ଇସ୍ରାଏଲର ଆକ୍ରମଣରେ ହମାସର ଜଣେ ବଡ଼ ନେତା ହାନିୟେ ନିହତ ହୋଇଛି। ସେ ଇରାନର ରାଜଧାନୀ ତେହେରାନରେ ଆଶ୍ରୟ ନେଇଥିଲା। ଇସ୍ରାଏଲ ଚତୁରତାର ସହ ତାକୁ ହତ୍ୟା କରିଛି। ଏହା ସହିତ ଲେବାନନର ଇସମାଇଲ ମଧ୍ୟ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଛି। ଏହା ପରେ ଇରାନ ସିଧାସଳଖ ଇସ୍ରାଏଲ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖୋମେନୀ ଏଥିଲାଗି ଇରାନ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଲେବାନ, ୟେମେନ ଏବଂ ସିରିଆର କିଛି ମୌଳବାଦୀ ସଙ୍ଗଠନ ଇସ୍ରାଏଲ ବିରୋଧରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ଏମିତି ଗତ ୧୦ ମାସ ହେବ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଅଶାନ୍ତି ଲାଗି ରହିଛି। ଏବେ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଇରାନ ଅଭିଯୋଗ କରିଛି ଯେ, ହମାସ ନେତା ହାନିୟେର ହତ୍ୟା ପଛରେ ଆମେରିକାର ସହଯୋଗ ରହିଛି। ଏଥିରେ କିଛି ବିସ୍ମିତ ହେବାର ନାହିଁ। କାରଣ ଆମେରିକାର ପରମ ଶତ୍ରୁ ହେଲା ଇରାନ। ଇରାନ ଯାହାକୁ ସମର୍ଥନ ବା ସହାୟତା କରିବ, ତାକୁ ଆମେରିକା ଟାର୍ଗେଟ କରିବ। ଏବେ ଇସ୍ରାଏଲ ଉପରେ ଆକ୍ରମଣ ନିମନ୍ତେ ଇରାନର ସଜବାଜ ଦେଖି ଆମେରିକା ମଧ୍ୟ ଏହାର ଜବାବ ଦେବାକୁ ବା ଇସ୍ରାଏଲକୁ ସହାୟତା କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ବିବାଦ ଆଜିକୁ ବହୁ ବର୍ଷ ପୁରୁଣା। ଏହି ବିବାଦ ଦିନେ ବିସ୍ଫୋରକ ରୂପ ନେବ ଏବଂ ଏହା ଦିନେ ବିଶ୍ୱଯୁଦ୍ଧରେ ପରିଣତ ହୋଇପାରେ ବୋଲି ଅନେକ ଦିନରୁ ଆଶଙ୍କା କରାଯାଉଥିଲା। ଏବେ ଏହି ଆଶଙ୍କା ସତ୍ୟରେ ପରିଣତ ହେବା ଭଳି ମନେ ହେଉଛି। ଇରାନ ସହିତ ଲେବାନନ, ସିରିଆ, ୟେମେନେ ମିଳିତ ଭାବେ ଇସ୍ରାଏଲକୁ ଆକ୍ରମଣ କରିପାରନ୍ତି। ତୁର୍କୀ ମଧ୍ୟ ସେମାନଙ୍କୁ ସମର୍ଥନ କରୁଛି। ତୁର୍କୀ ଏକ ଇସଲାମିକ ମୌଳବାଦୀ ରାଷ୍ଟ୍ରଏକଥା ସମସ୍ତେ ଜାଣନ୍ତି। ଏଥିପାଇଁ ଏହା ସର୍ବଦା ଭାରତକୁ ଟାର୍ଗେଟ କରି ଆସିଛି ଏବଂ ଭାରତ ବିରୋଧରେ ବିଶ୍ୱ ଦରବାରରେ ସ୍ୱର ଉତ୍ତୋଳନ କରିଆସିଛି। ଏବେ ଭାରତ ଏହି ପ୍ରସଙ୍ଗରେ ଅତି ସତର୍କତାର ସହ ନିଷ୍ପତ୍ତି ନେବା ଉଚିତ। ପାଲେଷ୍ଟାଇନ ପ୍ରତି ଭାରତର ସମର୍ଥନ ରହି ଆସିଛି। କିନ୍ତୁ ଭାରତ ସବୁ ବେଳେ ଆତଙ୍କବାଦକୁ ବିରୋଧ କରିଆସିଛି।

# ପୁଟିନଙ୍କ ଅପରେସନ ଆମେରିକା

"
*କ୍ଷମତାକୁ ଆସିବା ପରେ ପୁଟିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁଟିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ ।*

॥ ସୌମେନ୍ଦ୍ର ଜେନା ॥

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି । ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ । ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି । ପୁଟିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁଟିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁଟିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁଟିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି । ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁଟିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି । ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁଟିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା । ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁଟିନ ଦେଖିଥିଲେ । ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ । କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ । ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରଙ୍କୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁଟିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି । ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁଟିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି । ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁଟିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ ।

କ୍ଷମତାକୁ ଆସିବା ପରେ ପୁଟିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁଟିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି । ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ୍ୟ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ । ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁଟିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁଟିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି ।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁଟିନଙ୍କୁ ଜଣାଅଛି । ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁଟିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା । ପୁଟିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମ ଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁଟିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁଟିନ ସକ୍ଷମ ହୋଇଥିଲେ । ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି । ତେଣୁ ପୁଟିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁଟିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି । (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁଟିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ। 'ଓ ସେଠ, ଚାହିଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।


ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଗୁରୁବାର, ୨୨ ଅଗଷ୍ଟ, ୨୦୨୪




## ଯଶିପୁର ଓ ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ଗଞ୍ଜେଇ ଚୋରା ରାକେଟ ଜବତ

### ୫ ଜଣ ଗିରଫ ଇନୋଭା କାର ସହ ୪୬ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

**କରଞ୍ଜିଆ,(ମହାଭାରତ) :** ଫୁଲବାଣୀ ଜିଲ୍ଲାରୁ ଏକ ଇନୋଭା କାର ଯୋଗେ ଗଞ୍ଜେଇ ପ୍ୟାକେଟ ବାରିପଦା କୁ ଚୋରା ଚାଲାଣ ହେଉଥିବା ସମୟରେ ବୁଧବାର ଯଶିପୁର ଥାନା ପୋଲିସ ରାସ୍ତା ରେ ନକାବନ୍ଦୀ କରି ଗଞ୍ଜେଇ ଭର୍ତ୍ତି କାରକୁ ଜବତ କରିବା ସହିତ ଘଟଣାରେ ସଂପୃକ୍ତ ୪ ଜଣ ଙ୍କୁ ଗିରଫ କରିଛି। ଇନୋଭା କାର ରେ ବୋଝେଇ ହୋଇ ବାରିପଦା ଯାଉଥିବା ୪୪ ଟି ପ୍ୟାକଟ ରେ ଥିବା ୪୫ କେଜି ଗଞ୍ଜେଇ ଜବତ ହୋଇଛି। ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ଯଶିପୁର ଥାନା ପୋଲିସ ପେଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ର ସୂଚନା ପାଇଥିଲେ। ସୂଚନା ମିଳିବା ପରେ ଯଶିପୁର ଥାନା ସବ



ଇନ୍ସପେକ୍ଟର ପର୍ଶୁରାମ ଜେନାଙ୍କ ସମେତ ସବ ଇନ୍ସପେକ୍ଟର ଏମ କୁଲୁ, ଏଏସଇ ଆର ସିଂ, ଏସକେ ମହାନ୍ତ, ଜେ ମହାନ୍ତ ସମେତ ପୋଲିସ ଫର୍ସ କରଞ୍ଜିଆ- ବିଶୋଇ ୪୯ ନମ୍ବର ଜାତୀୟ ରାଜପଥର ଛେଳିଗୋଧୂଳି ଟୋଲ ଗେଟ ନିକଟରେ ମାଜିଷ୍ଟ୍ରେଟ ଯଶିପୁର ତହସିଲଦାର ଙ୍କ ଉପସ୍ଥିତ ରେ ରାସ୍ତା କୁ ନାକା ବନ୍ଦୀ କରି ରଖିଥିଲେ। ଦିନ ପ୍ରାୟ ୧୧ ଟା ସମୟରେ କରଞ୍ଜିଆ ଆଡୁ ଅସୁଥିବା ଏକ ଧଳା ରଙ୍ଗର ଇନୋଭା କାର ନମ୍ବର ଓଆର ୧୯ ଏଫ ୦୦୦୯ କୁ ସେଠାରେ ଅଟକାଇ ଥିଲେ। କାର ଭିତରେ ପୋଲିସ ଯାଞ୍ଚ ପରେ କାର ଭିତରୁ ୪୪ ଟି ଗଞ୍ଜେଇ ଭର୍ତ୍ତି ପ୍ୟାକଟ କୁ ଜବତ କରିଥିଲେ। କାର ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ୪ ଜଣକୁ ଗିରଫ କରିଥିଲେ। ପୋଲିସ ହାତରେ ଧରା ପଡି ଗିରଫ ହୋଇଥିବା ଏହି ୪ ଜଣ ଗଞ୍ଜେଇ ଚାଲାଣକାରୀ ହେଉଛନ୍ତି ଫୁଲବାଣୀ ଜିଲ୍ଲା ଗଛପଡା ଥାନା ଅଞ୍ଚଳର ଦିଲ୍ଲୀପ କୁମାର ଦାସ(୨୭),ଟିଟା କହ୍ନ ୱାର (୨୮), ଜଗନ୍ନାଥ କହ୍ନୱାର (୨୦), ସୁଶାନ୍ତ କୁମାର କହ୍ନୱାର (୩୭)ବୋଲି ଜଣା ପଡ଼ିଛି। ସେମାନଙ୍କ ନିକଟରୁ ପୋଲିସ ଭୋଟର କାର୍ଡ, ପାନ କାର୍ଡ, ଏଟିଏମ କାର୍ଡ, ମୋବାଇଲକୁ ଜବତ କରି ଘଟଣା ର ତଦନ୍ତ କରୁଛି। ସେହିପରି ଠାକୁରମୁଣ୍ଡା ଓ କରଞ୍ଜିଆ ଅବକାରୀ ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ବୁଧବାର ଦିନ ୧୦ ଟା ସମୟରେ ଠାକୁରମୁଣ୍ଡା ଥାନା ବାଲିପୋଷୀ ଗ୍ରାମରୁ ସୁରେନ୍ଦ୍ର ଖଣ୍ଡାପାତ୍ରଙ୍କ ଘର ଭିତରେ ତଲାସୀ କରି ୧ କେଜି ୧୯୦ ଗ୍ରାମ ଓଜନ ର ଗଞ୍ଜେଇ କୁ ଜବତ କରିବା ସହିତ ଗଞ୍ଜେଇ ବେପାର ରେ ସାମିଲ ଥିବା ସୁରେନ୍ଦ୍ର କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ଅବକାରୀ ଥାନା ପୋଲିସ କେଶ ନମ୍ବର ୮୯ ଅନୁଯାୟୀ ମାମଲା ରୁଜୁ କରିଛି।

## ୧୨ ଘଣ୍ଟିଆ ଭାରତ ବନ୍ଦ, ଅନୁଗୋଳରେ ମିଶ୍ରିତ ପ୍ରଭାବ

**ଅନୁଗୋଳ,(ମହାଭାରତ) :** ଅନୁସୂଚିତ ଜାତି ଓ ଜନଜାତି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ର ଅନୁଗୋଳ ରେ ମିଶ୍ରିତ ଫଳ ଦେଖିବାକୁ ମିଳିଛି । ଉପବର୍ଗୀକରଣ ଓ ସ୍ୱଚ୍ଛଳ ବର୍ଗ ନୀତି ଲାଗୁ କରାନଯିବା ପ୍ରତିବାଦରେ ବୁଧବାର ସକାଳ ୬ ଘଟିକା ସମୟରୁ ଭାରତ ବନ୍ଦ ଡକରା ଦେଇଛି ଅନୁସୂଚିତ ଜାତି(ଏସ୍‌ସି), ଜନଜାତି (ଏସ୍‌ଟି) ଓ କ୍ରିୟାନୁଷ୍ଠାନ କମିଟି। ରାଜଧାନୀ ସମେତ ସମସ୍ତ ଜିଲା ସଦର ମହକୁମାରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରାଯାଇଥିବା ସଂଘ ପକ୍ଷରୁ ଦାବି କରାଯାଇଛି । ରାଜ୍ୟର ବିଭିନ୍ନ ରାଜନୈତିକ ଦଳ, ସମସ୍ତ ଏସ୍‌ସି- ଏସ୍‌ଟି ସଂଗଠନ, ମାନବ ଅଧିକାର ସଂଗଠନ, ଗଣ ସଂଗଠନ, ଶ୍ରମିକ ସଂଗଠନ, ମୋଟର ଯାନ ଆସୋସିଏସନ, ବଜାର



କମିଟି, କର୍ମଚାରୀ ସଂଘ ଭାରତ ବନ୍ଦ ଡକରାରେ ସାମିଲ୍ ହେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ସଂଯୋଜକ ଅଭିରାମ ମଲ୍ଲିକ କହିଥିଲେ ଯାହାର ଫଳ ସ୍ୱରୂପ ଅନୁଗୋଳ ର ତୁରଙ୍ଗ, ନାଲକୋ, ଏଫ୍.ସି.ଆଇ, ହୁଲୁରିସିଂହା ଆଦି ସ୍ଥାନ ରେ ରାସ୍ତା ରୋକ କରାଯିବା ସହ ସ୍କୁଲ୍ କଲେଜ୍ ଗୁଡ଼ିକୁ ବନ୍ଦ କରାଯାଇଥିଲା । ତେବେ କମିଟି ଦର୍ଶାଇଛି ଯେ, ଅଗଷ୍ଟ ୧ରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏସ୍‌ସି-ଏସ୍‌ଟି ଟି ସ୍ଥାନ ସଂରକ୍ଷଣ ଉପରେ ଯେଉଁ ରାୟ ପ୍ରକାଶ କରିଛନ୍ତି ତାହା ଅନୁସୂଚିତବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥାକୁ ଅକାମୀ କରିଦେବ। ଏନେଇ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ, ସଂଖ୍ୟାଲଘୁ ଓ ରାଜନୈତିକ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି । ସର୍ବୋଚ୍ଚ ନ୍ୟାୟାଳୟ ଏସ୍‌ସି, ଏସ୍‌ଟିଙ୍କ ସାମାଜିକ, ଆର୍ଥିକ, ଶିକ୍ଷାଗତ ସ୍ଥିତିକୁ ଆକଳନ ନକରି ତଥା ବର୍ଗର ସୁରକ୍ଷା ନିମନ୍ତେ ସାମ୍ବିଧାନିକ ଅନୁଷ୍ଠାନ ଓ ମନ୍ତ୍ରଣାଳୟ ସହ ପରାମର୍ଶ ନକରି ଏପରି ରାୟ ପ୍ରଦାନ କରିଥିବାରୁ ଏହାର ପୁନର୍ବିଚାର କରନ୍ତୁ ବୋଲି ସଂଗଠନ ଦାବି କରିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ କେବଳ ଅଧ୍ୟାଦେଶ କିମ୍ବା ସଂସଦରେ ଆଇନ ପାରିତ କରି ଅକାମୀ କରାଯାଇ ପାରିବ ନଚେତ୍ ଏହାର ପୁନର୍ବିଚାର କରାଯାଇ ପାରିବ ବୋଲି ବିଭିନ୍ନ ସଂଘ ଦାବି କରିଛି ।

## କୋକସରା ବ୍ଲକରେ ଥମୁନି ଦାଦନ ଦୁଃଖ



**କୋକସରା,(ମହାଭାରତ) :** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ଗ୍ରାମର ଜଣେ ଶ୍ରମିକ ବାଙ୍ଗାଲୋରରେ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। ମୃତ ଶ୍ରମିକ ଜଣକ ଖଲିଗଡ ଗ୍ରାମର ମାଧବ ମାଝୀଙ୍କ ପୁଅ ଲାଲୁ ମାଝୀ(୩୨ ) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଲାଲୁ ଦିର୍ଘ ୮ବର୍ଷରୁ ଉର୍ଦ୍ଧ୍ୱ ହେବ ବାଙ୍ଗାଲୋର ସହରର ଘୋରାପାଲି ଠାରେ ଲୋକାଲ କାମରେ ଶ୍ରମିକ ଭାବେ କାମ କରି ଆସୁଥିଲେ। ତେବେ କିଛିଦିନ ତଳେ ନିଜ ଗାଁକୁ ଫେରି ଗତ ୧୫ ଦିନ ତଳେ ପୁଣି ବାଙ୍ଗାଲୋର ଫେରିଯାଇ କାମରେ ଲାଗିଥିଲେ। ହେଲେ ମଙ୍ଗଳବାର ଦିନ ଲାଲୁଙ୍କୁ ଜ୍ୱର ହେବା ପରେ ଠିକାଦାର ତାଙ୍କୁ ନିକଟସ୍ଥ ମେଡିକାଲ ନେଇ ଡାକ୍ତରଙ୍କୁ ଦେଖାଇବ ଔଷଧ ପତ୍ର ନେଇ ରହୁଥିବା ସ୍ଥାନକୁ ଫେରିଥିଲେ। ତେବେ ଲାଲୁ ରାତିରେ ସେ ରହୁଥିବା ଘରେ ମୃତ୍ୟୁ ହୋଇଥିଲା। ତାଙ୍କ ପଡୋଶୀରେ ରହୁଥିବା କିଛି ଶ୍ରମିକ ସକାଳୁ ଏହା ଜାଣି ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିବା ପରିବାର ଲୋକଙ୍କ ପକ୍ଷରୁ ଜଣାଯାଇଛି। ଭେଣ୍ଡିଆ ପୁଅର ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗି ପଡିଛନ୍ତି ପୁରା ପରିବାର। ଏବଂ ବାଙ୍ଗାଲୋରରୁ ପୁଅର ମର ଶରୀର ଭିଟାମାଟିକୁ ଫେରେଇ ଆଣିବା ପାଇଁ ପରିବାର ଲୋକେ ବୁଧବାର ଆମପାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବଢ଼ି ଚାଲିଛି ବେଆଇନ ପଥର ଉତ୍ତୋଳନ

### ପୁଆଣିଆ ଖଣି ଓ କ୍ରସର ମାଲିକଙ୍କ ଉପରେ ମାମଲା



**ନୟାଗଡ,(ମହାଭାରତ) :** ଓଡ଼ଗାଁ ତହସିଲ ଅଧୀନ ବଡ଼ଗୋରଡ଼ା ନିକଟସ୍ଥ ପୁଆଣିଆ ଟାଙ୍ଗରା ପଥର ଖଣି ଓ କ୍ରସରଟି ଏବେ ବନ୍ଦ ରହିଛି। ଏହି ପଥର ଖଣି ବିରୋଧରେ ବନବିଭାଗ ତିନି ତିନିଟା ମାମଲା ରୁଜୁ କରିଛି। ବନବିଭାଗର ଅଭିଯୋଗ ଅନୁଯାୟୀ, ଏହି ଖଣି କୁଆଡ଼େ ସବୁ ନିୟମର ଖୋଲା ଉଲଂଘନ କରିଛି। ପଥର ଉତ୍ତୋଳନ ପାଇଁ ସମ୍ପୃକ୍ତ ମାଲିକଙ୍କୁ ଯେଉଁଠାରେ ଅନୁମତି ପ୍ରଦାନ କରାଯାଇଥିଲା, ଏହାର ସେ ଖୋଲା ଉଲଂଘନ କରି ଅନ୍ୟତ୍ର ଖୋଳିଥିଲେ। ଜଙ୍ଗଲ ଜାଗାରେ ଏହି ବେଆଇନ ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ଫଳରେ ବନବିଭାଗ ପକ୍ଷରୁ ଏହି ଖଣି ବିରୋଧରେ ମାମଲା ରୁଜୁ କରାଯାଇଥିବା ଡିଏଫ୍ ଓ କ୍ଷମା ଷଡ଼ଙ୍ଗୀ ସୂଚନା ପ୍ରଦାନ କରିଛନ୍ତି। ଡିଏଫଓ ଶ୍ରୀମତି ଷଡ଼ଙ୍ଗୀଙ୍କ ସୂଚନା ମୁତାବକ, ଖଣି ଓ କ୍ରସରର ଜିପିଏସ୍ ସର୍ଭେ ରିପୋର୍ଟରୁ ଏହି କେଳେଙ୍କାରୀ ପଦାକୁ ଆସିଛି। ଏଣୁ ଏହି ଖଣି ବିରୋଧରେ ମାମଲା ରୁଜୁ କରାଯାଇ ଓଡ଼ଗାଁ ତହସିଲଦାରଙ୍କୁ ଜିପିଏସ୍ ସର୍ଭେ ରିପୋର୍ଟ ମଗାଯାଇଛି। ଓଡ଼ଗାଁ ତହସିଲ କାର୍ଯ୍ୟାଳୟରୁ ଜିପିଏସ୍ ସର୍ଭେ ରିପୋର୍ଟ ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇନାହିଁ। ଏହି ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଜିପିଏସ୍ ରିପୋର୍ଟରୁ ଖଣି ଉତ୍ତୋଳନ କରାଯାଉଥିବା ନିର୍ଦ୍ଦିଷ୍ଟ ଜାଗା ସମ୍ପର୍କରେ ତଥ୍ୟ ମିଳିପାରିବ। ଆବଶ୍ୟକ ପଡ଼ିଲେ ତହସିଲ ମଧ ମାମଲା ରୁଜୁ କରିପାରେ ବୋଲି ସେ କହିଛନ୍ତି। ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ପରି ଜିଲ୍ଲାବ୍ୟାପୀ ପଥର ଖଣି ଓ କ୍ରସରର ସମାନ ଅବସ୍ଥା। ବର୍ତ୍ତମାନ ଏହା ଜିଲ୍ଲା ଖଣି ବିଭାଗକୁ ଆସିଲା। ମାତ୍ର ଯେତେବେଳେ ତହସିଲ ଅଧୀନରେ ଥିଲା, ସମସ୍ତେ ମନଇଚ୍ଛା ଲୁଟି ଚାଲିଛନ୍ତି। ବନବିଭାଗ ହେଉ ଅବା ତହସିଲର ଅନୁମତି କେବଳ ନାମକୁ ମାତ୍ର। ନିଜ ସୁବିଧା ମୁତାବକ ବେଆଇନ ବ୍ଲାଷ୍ଟିଂ କରି ଖଣି ଲୁଟି ଚାଲିଛନ୍ତି। ବନ ବିଭାଗ ହେଉ ଅବା ଖଣି ଅଧିକାରୀ ରିପୋର୍ଟ ମାଗିଲେ ତହସିଲଦାର ମାନେ ଜିପିଏସ୍ ସର୍ଭେ ରିପୋର୍ଟ ଦେବାରେ ବିଳମ୍ବ କରୁଛନ୍ତି। ଫଳରେ ଖଣି ଉତ୍ତୋଳନ କରାଯାଉଥିବା ଜାଗାଟି ବନ ବିଭାଗ ଅଧୀନରେ ଯାଉଛି କି ନାହିଁ, ତାହା ଜଣାପଡୁନାହିଁ। ତହସିଲ ଅଧୀନରେ ଖଣି ଓ କ୍ରସର ରହିଥିବା ସମୟରେ ସେମାନେ ଆବଶ୍ୟକ ହେଉଥିବା କାଗଜପତ୍ର ଜମା କରିଥିଲେ। ବର୍ତ୍ତମାନ ଏହା ଖଣି ଅଧୀନକୁ ଆସିବା ପରେ ସେଠାରେ ଆବଶ୍ୟକ ହୋଇଥିବା ସମସ୍ତ କାଗଜପତ୍ର କୌଣସି ମାଲିକ ଦେଇନାହାନ୍ତି। ତହସିଲରେ ଦିଆଯାଇଥିବା ପ୍ରମାଣପତ୍ର ଏଠାରେ ଚଳିବ ନାହିଁ ବୋଲି ଏହି ମାଲିକ ମାନଙ୍କୁ ଖଣି ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଅଧିକାଂଶ ପଥର ଖଣି ଓ କ୍ରସରକୁ ବନ୍ଦ କରି ଦିଆଯାଇଥିବା ବେଳେ ଆଉ କିଛି ଚାଲୁ ରହିଛି। ବର୍ତ୍ତମାନ ଏହି ମାଲିକ ମାନଙ୍କ ଠାରୁ ତହସିଲ କିମ୍ବା ଖଣି କେହି ବି ଟିକସ ନେଉ ନଥିବାରୁ ବେଆଇନ ଖଣି ଉତ୍ତୋଳନ ଚାଲୁ ରହିଛି। ସେମିତି ବିଚାର କଲେ ଜିଲ୍ଲାରେ ଚାଲିଥିବା ସମସ୍ତ ଖଣି ଓ କ୍ରସର ଏବେ ବେଆଇନ ବୋଲି ଖଣି ବିଭାଗ ପକ୍ଷରୁ କୁହାଗଲାଣି। ରାଜସ୍ୱ ବିଭାଗ ଏହି ଖଣିକୁ ହସ୍ତାନ୍ତର କରିଥିବା ବେଳେ ଏହାର ରେକର୍ଡ ପଥର ଖଣି ରହିଛି। ମାତ୍ର ଏସବୁ ଖଣି କିନ୍ତୁ ଜଙ୍ଗଲ କିସମ ଓ ଜଙ୍ଗଲ ଜମି ଥିବା ନେଇ ଖଣି ବିଭାଗ ସନ୍ଦେହ କରୁଛି। ଏଣୁ ଏ ନେଇ ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଭାରତ ବନ୍ଦ ଡାକରାକୁ ସଇଁତଲାରେ ରଣ ହୁଙ୍କାର

**ସଇଁତଲା,(ମହାଭାରତ) :** ସଇଁତଲା ଆଜି ଭାରତ ବନ୍ଦ । ବନ୍ଦ ଡାକରା ଦେଇଛି ଦଳିତ ଆଦିବାସୀ ଏକତା ସଂଘ । ଆଜି ଦେଶ ରେ ଲାଗୁ ହେଇ ଥିବା ସଂରକ୍ଷଣ କୁ ମାନ୍ୟବର ସୁପ୍ରମିକୋର୍ଟ ଉଚ୍ଛେଦ ପ୍ରତିବାଦ ରେ ସମଗ୍ର ଦେଶ ରେ ଭାରତ ବନ୍ଦ ଡାକରା ଦିଆଯାଇଛି ।



ଆଜି ସଇଁତଲା,ବରଗାଁ, ବଡ଼ମାଳ, ବେଲଗାଁ,ସମେତ ବିଭିନ୍ନ ଛକ ରେ ଭାରତ ବନ୍ଦ କୁ ସମର୍ଥନ କରି ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହି ଥିବା ବେଳେ ଅଖ ଚକ ମଧ ବନ୍ଦ ରହିଛି । ଦଳିତ ଆଦିବାସୀ ସଂଗଠନ ପକ୍ଷ ରୁ ସକାଳୁ ସକାଳୁ ପିକେଟିଙ୍ଗ କରି ଦୋକାନ ବଜାର ଗାଡି ମଟର ବନ୍ଦ କରିଛନ୍ତି । ଆଜି ସକାଳୁ ସକାଳୁ ପ୍ରଥମେ ମା ଚଣ୍ଡୀ ମନ୍ଦିର ଙ୍କ ଦର୍ଶନ କରି ପରମ୍ପରା ଅସ୍ତ୍ର ଶସ୍ତ୍ର ଧରି ସହର ପରିକ୍ରମା କରିବା ସହ ଜାତୀୟ ରାଜପଥ ୨୬ ଓ ୫୭ ଜାତୀୟ ରାତପଥ ଅବରୋଧ କରି ଥିଲେ । ସୁପ୍ରିମୋକୋର୍ଟ ଦେଇ ଥିବା ରାୟ ଉପରେ ପୃନରବାର ବିଚାର କରାଯାଉ ବୋଲି ଦାବି କରି ଥିଲେ । ଏହି ଆନ୍ଦୋଳନ କୁ ଦଳିତ ଆଦିବାସୀ ଏକତା ସଙ୍ଘ ର ସଭାପତି ପ୍ରେମ ଭୋଇ, ସମ୍ପାଦକ ପ୍ରୀତିସାଗର ମହାନନ୍ଦ ସମେତ ଶହ ଶହ ସଂଖ୍ୟା ରେ ଦଳିତ ଆଦିବାସୀ ସମର୍ଥକ ଉପସ୍ଥିତ ଥିଲେ ଏଠାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂହ ଭୋଇ, ସମର୍ଥନ କରିବା ସହ ଆଗାମୀ ଦିନ ରେ ଆଦିବାସୀ ଦଳିତ ଙ୍କୁ ସଂରକ୍ଷଣ ଦିଆଯାଉ ବୋଲି ଦାବି କରିଛନ୍ତି ।


## ଅଭିଯୋଗ ସ୍ୱତ୍ତ୍ୱେ ମଧ ବ୍ଲକ ମୁଖ୍ୟାଳୟର ଷ୍ଟ୍ରିଟ ଲାଇଟ ଅଚଳ

**ଥୁଆମୂଳ ରାମପୁର,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଡିଏମ୍ ଏଫ୍ ପାଣ୍ଠିରୁ ରାସ୍ତାର ବିଜୁଳି ପାଇଁ ସୋଲାର ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ହୋଇଥିଲା। ଗତ ୨୦୧୭ ମସିହାରେ ତହସିଲ କାର୍ଯ୍ୟାଳୟ ଠାରୁ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୭,୯୨୭୮୦ ଟଙ୍କା ବ୍ୟୟରେ ଏହି ଲାଇଟ ଲଗାଯାଇଥିଲା। ହେଲେ ଏହି ଲାଇଟ୍ କିଛିଦିନ କାର୍ଯ୍ୟକ୍ଷମ ହେଲା ପରେ ଏହା ଏବେ ଅଚଳ ହୋଇପଡିଛି । ବାରମ୍ବାର ଅଭିଯୋଗ ସ୍ୱତ୍ତ୍ୱେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ର ଦୃଷ୍ଟି ପଡୁନାହିଁ । ଫଳରେ ବ୍ଲକ ମୁଖ୍ୟ ଗୋଷ୍ଠୀ କେନ୍ଦ୍ରରେ ରାତିରେ ଅନ୍ଧକାର ରହୁଥିବାରୁ ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି



ବର୍ଷା ଦିନ ହେତୁ ଖାଲଖମାରେ ଚଳାଚଳ ପ୍ରତି ବିପଦର ଆଶଙ୍କା ମଧ ରହୁଛି। ଏନେଇଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏପର୍ଯ୍ୟନ୍ତ କରାଯାଇନାହିଁ । ଷ୍ଟ୍ରିଟ ଲାଇଟ୍ ଘଟଣାକୁ ଯଦି ତଦନ୍ତ କରାଯାଏ ତେବେ ଭିତିରିଆ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏମିତିକି ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟର ଅବସ୍ଥା ଯଦି ଏପରି ହେବ ତେବେ ଦୁର୍ଗମ ଅଞ୍ଚଳର ଅବସ୍ଥା କେମିତି ହେବ ବୋଲ ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ଯାହାକି ଏହାକୁ ଦୀପ ତଳ ଅନ୍ଧାର ବୋଲି କୁହାଯାଇଛି । ଲାଭଖୋର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଷ୍ଟ୍ରିଟ ଲାଇଟର ଏ ଅବସ୍ଥା ହୋଇଛି ବୋଲି ଅଭିଯୋଗ କରାଯାଉଛି । ଏହାକୁ ନେଇ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲା ବେଳେ ମରାମତି ହେଉଛି ନା ସ୍ଥାୟୀ ଆଲୋକିକରଣର ହୋଇପାରୁଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଷ୍ଟ୍ରିଟ୍ ଲାଇଟ ମରାମତି ର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି ।

## ବରିଷ୍ଠ ଭଲିବଲ କୋଚଙ୍କୁ ସମ୍ମାନଜନକ ଆଇକନିକ ସ୍ପୋର୍ଟ୍ସ ଆୱାର୍ଡ




**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦରର ପୂର୍ବତନ ବିଶିଷ୍ଟ ଭଲିବଲ ଖେଳାଳି ତଥା ଜାତୀୟ ସ୍ତରର ଭଲିବଲ ପ୍ରଶିକ୍ଷକ (କୋଚ) ସଞ୍ଜୟ କୁମାର ଦାସ ଙ୍କୁ ଖେଳ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମିଳିଛି ସମ୍ମାନ ଜଣଙ୍କ ଆଇକନିକ ସ୍ପୋର୍ଟ୍ସ ଆୱାର୍ଡ-୨୦୨୪ । ଏହି ଅବସରରେ ରାକ୍ଷୀପୂର୍ଣ୍ଣିମା ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଦାସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସୂଚନାଥାଉକି ସଞ୍ଜୟ ଦାସ ଭଲିବଲ ଖେଳ ଜଗତର ଏକ ସୁପରିଚିତ ନା । ସେ ତାଙ୍କ ଖେଳ ଜୀବନରେ ରାଜ୍ୟ ତଥା ଦେଶରେ ବହୁ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ଦ୍ୱାରା ପ୍ରଶିକ୍ଷିତ ବହୁ ଭଲିବଲ ଖେଳାଳି ସୁନାମ ଅର୍ଜନ କରି ପ୍ରତିଷ୍ଠିତ ହୋଇପାରିଛନ୍ତି । ଏହି ଆୱାର୍ଡ ପାଇବା ପରେ ବହୁ ଖେଳପ୍ରେମୀ, ଭଲିବଲ ଖେଳାଳି ଓ ସାଧାରଣରେ ସଞ୍ଜୟ ଦାସଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି ।

## ସର୍ବୋଚ୍ଚ ନ୍ୟାଳୟ ଆରକ୍ଷଣ ରାୟ ପ୍ରତିବାଦରେ ପାଟଣା ବନ୍ଦ



**ପାଟଣା,(ମହାଭାରତ) :** ଭାରତ ବନ୍ଦ ଡାକରା ରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ମୌଳିକ ଅଧିକାର ସଂରକ୍ଷଣ ଅକ୍ଷୁର୍ଣ୍ଣ ରଖିବା ପାଇଁ ଓ ସୁପ୍ରିମକୋଟଙ୍କ ବହୁଜନ ବର୍ଗୀକରଣ ରାୟ ପ୍ରତିବାଦରେ ଦେଶବ୍ୟାପି ଭାରତ ବନ୍ଦ ଡାକରା ଦେଇଥିବା ବେଳେ ଏହା କୁ ସମର୍ଥନ ଜଣାଇ ପାଟଣା ଆଦିବାସୀ ଏକତା ସଙ୍ଘ ତରଫରୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି ଦେଇ ତହସିଲଦାରଙ୍କ ଅଫିସ ସମୁଖରେ ଆନ୍ଦୋଳନ କରିଥିଲେ କୁଚକ୍ରାନ୍ତ ବ୍ୟକ୍ତିଙ୍କ ଲେଖନୀ ଅନୁସାରେ ମଣିଷ ଜାତି କୁ ହୀନ କଳଙ୍କିତ ଜାତିବ୍ୟବସ୍ଥାରେ ସାମାଜିକ କ୍ଷେତ୍ରରେ ବାସନ୍ଦ କରାଯାଇ ପଶୁତୁଲ୍ୟ ବ୍ୟବହାର କରାଯିବା କୁ ମୂଳ ନିବାସୀ ସମାଜ କୁ ମୁଖ୍ୟସ୍ରୋତ କୁ ଆଣି ସାମାଜିକ, ଆର୍ଥିକ,ରାଜନୈତିକ,ଧାର୍ମିକ ଓ ସାଂସ୍କୃତିକ ପରିବର୍ତ୍ତନ ପାଇଁ ସମ୍ବିଧାନ ପ୍ରଣେତା ଡ଼ଃ ଭୀମ ରାଓ ଆମ୍ବେଦକର ବହୁ ସଂଘର୍ଷ କରି ଏହି ବର୍ଗ ନିମିତ୍ତ ସଂରକ୍ଷଣ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ଓ ସୁପ୍ରିମ କୋର୍ଟରେ ନିଯୁକ୍ତି ଥିବା ପାରମ୍ପରିକ ମନୁବାଦି ଜଜ୍ ମାନେ ଏହି ସାମ୍ବିଧାନିକ ମୌଳିକ ଅଧିକାର ବିରୁଦ୍ଧରେ ରାୟ ଦେଇ ସମୁଦାୟ ବର୍ଗଙ୍କ ଅଧିକାରକୁ ଚକ୍ରାନ୍ତ କରି ଛଡାଇ ନେଇଛନ୍ତି । ବକ୍ତା ମାନେ କ୍ଷୀଭ ପ୍ରକାଶ କରିବା ସହିତ ମହା ମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କୁ ପାଟଣା ତହସିଲଦାର ଙ୍କ ଜରିଆରେ ଏକ ଦାବିପତ୍ର ଦେଇ ଛନ୍ତି । ଏହି ସର୍ବୋଚ୍ଚ ନ୍ୟାଳୟ କ ଆନ୍ଦୋଳନ ରେ ପାଟଣା ଅଞ୍ଚଳ ର ତଥା ପୂର୍ବତନ ବ୍ଲକ ଅଧକ୍ଷ ବର୍ତ୍ତମାନ ର ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାଏକ,ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ, ପଲାଶଘାଟି ସରପଞ୍ଚ ରାଉତ ମୁଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ତଥା ୍ର୍ତମାନ ର ଡୁମୁରିଆ ସରପଞ୍ଚ ଗୌରହରି ନାଏକ ଅନ୍ୟ ନେତ୍ୱ ବୃନ୍ଦ ପାଟଣା ଅଞ୍ଚଳ ସରକାରୀ ବେସରକାରୀ କାର୍ଯ୍ୟାଳୟ କୁ ବନ୍ଦ କରିଥିବା ଦେଖିବାକୁ ମିଳିଛି ।

## ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ପାରାଦୀପ,(ମହାଭାରତ) :** ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ବନ୍ଦର ସହର ପାରାଦୀପରେ ହେବାକୁ ଯାଉଥିବା ଓଡିଶା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ପାଇଁ ବିଭିନ୍ନ ପୂଜା ମଣ୍ଡପ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ନିଜ ନିଜ ପୂଜା ମଣ୍ଡପ ଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାଉଁଶ ପୋତା ଆରମ୍ଭ ହେଲାଣି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଏଥର ପୂଜାରେ ୧୪ ରୁ ୨୦ ଟି ପୂଜା ମେଢ଼ ନିର୍ମାଣ କରାଯିବାର ଆଶା କରାଯାଉଛି । ପୂର୍ବ ବର୍ଷ କିଛି ସଂସ୍ଥା ପୂଜା ବନ୍ଦ କରିଥିବା ବେଳେ ଏଥର ମହା ଆଡମ୍ବର ସହକାରେ ପୂଜା ଉତ୍ସବ ପାଳନ କରିବାକୁ ଅଣ୍ଟା ଭିଡ଼ିଥିବା ଦେଖା ଯାଇଛି। ବନ୍ଦର ଓ ଶିଳ୍ପ ସହର ପାରାଦୀପ ରେ ବିଭିନ୍ନ ଅନୁଷ୍ଠାନ,





ସଂଗଠନ ଓ ଶିଳ୍ପାଞ୍ଚଳରେ ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ସବୁଠାରୁ ଆକର୍ଷଣୀୟ ପୂଜା ସ୍ଥାନୀୟ ଜୟଦେବ ସଦନ ନିକଟସ୍ଥ ପଡିଆରେ ସାତଦିନ ବ୍ୟାପି ଅନୁଷ୍ଠିତ ହୋଇଥାଏ । ଏଠାରେ ପାଖାପାଖି ୧୦ ଟି ବଡ ବଡ଼ ପୂଜା ମଣ୍ଡପ ନିର୍ମାଣ ହେଉଥିବା ବେଳେ ଏଥର ପ୍ରାୟ ୧୪ ରୁ ଉର୍ଦ୍ଧ ପୂଜା ମଣ୍ଡପ ପ୍ରସ୍ତୁତି କରାଯାଉଛି । ଏହି ମେଢ଼ ସବୁ ପାଖାପାଖି ପ୍ରସ୍ତୁତି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଏଠାରେ ବ୍ୟାପକ ଜନସମାଗମ ଓ ଗହଳି ଲାଗିରହିଥାଏ । ତେବେ ଶାନ୍ତି ଶୃଙ୍ଖଳା ଏବଂ ଉତ୍ସବର ସଫଳତା ପାଇଁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଙ୍କ ସଭାପତିତ୍ୱ ରେ ବୁଧବାର ଦିନ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଭୁସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ପୋଲିସ ଉପ ଆରକ୍ଷୀ ଅଧିକ୍ଷକ ସନ୍ତୋଷ କୁମାର ଜେନା, ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୂଚିତ୍ର ବୀର୍ଯ୍ୟ ଦାସ, ଜଟାଧାର ମୁହାଁଣ ଥାନା ଅଧିକାରିଣୀ ସୁଜାତା ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ବସନ୍ତ ରାଉତ, କୁଜଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ କାର୍ତ୍ତିକ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପୂଜା ମଣ୍ଡପ ର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ସମ୍ଭାବ୍ୟ ଜନଗହଳି ଦୃଷ୍ଟିରୁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା, ମଣ୍ଡପ ଗୁଡିକରେ ସୁରକ୍ଷିତ ବିଦ୍ୟୁତ ଯୋଗାଣ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ ପାଇଁ ସମସ୍ତ ସ୍ଥାନରେ ସିସି ଟିଭି କ୍ୟାମେରା ସ୍ଥାପନ ସମେତ ଚଳିତ ପୂଜା ଉତ୍ସବରେ ବିଭିନ୍ନ ଆକର୍ଷଣୀୟ ପୂଜା ମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପୁରସ୍କାର ପ୍ରଦାନ ଉପରେ ବିଶଦ ଆଲୋଚନା କରାଯାଇଥିଲା ।

## ଶ୍ରୀ ଶ୍ରୀ ୧୦୮ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ଜନ୍ମ ଉତ୍ସବ ପାଳିତ



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରାଣୀ ପଦ୍ମାବତୀ ସାହି ରେ ଥିବା ନୀଳାଚଳ ସାରସ୍ୱତ ସଙ୍ଘ ପୁରୀ ଶାଖା ପାରଳାଖେମୁଣ୍ଡି ପକ୍ଷରୁ ଶ୍ରୀ ଶ୍ରୀ ୧୦୮ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ୧୪୪ ତମ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ସଙ୍ଘ ସଭାପତି ରାଧାଶ୍ୟାମ ଜେନା ସାମନ୍ତ ଭାଇଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆଜି ସକାଳୁ ସଂଘର ମାଆଭାଇମାନେ ଉପସ୍ଥିତ ରହି ଠାକୁରଙ୍କର ମଙ୍ଗଳ ଆଳତୀ ଦର୍ଶନ କରିଥିଲେ। ଏହା ସହିତ ସ୍ତୋବ ସ୍ତୋତ୍ର ବନ୍ଦନା ଶପଥ ପାଠ ସହ ଉପଦେଶ ପୁସ୍ତକ,ଠାକୁରଙ୍କ ଜୀବନୀ ପାଠ କରାଯାଇଥିଲା। ଠାକୁରଙ୍କ ଭାବଧାରା ଉପରେ ଦୁର୍ଗା ପଟ୍ଟନାୟକ ଭାଇ, ରିତା ମାଆ, କୈଳାସ ପଟ୍ଟନାୟକ ଭାଇ, ତ୍ରିଲୋଚନ ପଣ୍ଡା ଭାଇ ଭାବ ବିନିମୟରେ ଅଂଶ ଗ୍ରହଣ କରିଥିଲେ । ମାଆମାନେ ହୃଦୟସ୍ପର୍ଶୀ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।ଆଶ୍ରମ ପରିବେଶରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଗୋମାତାଙ୍କୁ ରାକ୍ଷୀ ବାନ୍ଧିଲେ ସମାଜସେବୀ


**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଗୋବଂଶ ର ସୁରକ୍ଷା ପାଇଁ ଗୋମାତା ଙ୍କୁ ରାକ୍ଷୀ ବାନ୍ଧିଲେ ସମାଜସେବୀ କେନ୍ଦୁଝର, ହିନ୍ଦୁ ଧର୍ମର ନିୟମ ଅନୁସାରେ ଦେବଦେବୀ ଙ୍କୁ ପୂଜା କରିବା ସହିତ ଗୋମାତାଙ୍କୁ ପୂଜା କରିବାର ପ୍ରଥା ରହିଆସିଛି। ସେହିପରି ସୋମବାର ଦିନ ରକ୍ଷା ବନ୍ଧନ ଅବସରରେ କେନ୍ଦୁଝର ଜିଲ୍ଲାର ଜଣେ ବିଶିଷ୍ଟ ସମାଜସେବୀ ଭାବେ ପରିଚିତ ଶ୍ରୀମନ୍ତ ତ୍ରିପାଠୀ ଏବଂ ତାଙ୍କ ପରିବାର ବର୍ଗ ଯୋଡ଼ା ବ୍ଲକ ର ଭଦ୍ରା ସାହି ପଞ୍ଚାୟତ ଅନ୍ତର୍ଗତ ନିଜ ଗ୍ରାମ ଭୁଷୁଗାଁ ଠାରେ ନିଜ ଘରେ ଥିବା ଗୋମାତା ତଥା ଆଖପାଖ ଅଞ୍ଚଳର ଗୋମାତା ମାନଙ୍କୁ ରାକ୍ଷୀ ବାନ୍ଧିବା ସହିତ ବନ୍ଦାପନା କରିଥିଲେ । ଏହି ପରି ଗୋମତାଙ୍କୁ ରାକ୍ଷୀ ବାନ୍ଧିବା ହିନ୍ଦୁ ଧର୍ମର ଏକ ପରମ୍ପରା ହୋଇଥିଲେ ମଧ ସମାଜସେବୀ ଶ୍ରୀ ତ୍ରିପାଠୀଙ୍କ ଏଭଳି ପ୍ରୟାସ ପାଇଁ ପ୍ରସଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା ।

## ସରିଲା ଶ୍ରାବଣ, ଆମିଷ ବଜାରରେ ଲାଗିଲା ନିଆଁ



ଅସ୍ତରଙ୍ଗ,(ମହାଭାରତ): ସରିଯାଇଛି ଶ୍ରାବଣ ମାସ, ଏକ ମାସ ପର୍ଯ୍ୟନ୍ତ ଲୋକ ମାନେ ଦେବ ଦେବ ମହାଦେବଙ୍କ ପାଇଁ ବ୍ରତ ପାଳନ କରିବା ପରେ ବର୍ତ୍ତମାନ ଶ୍ରାବଣ ମାସ ଶେଷ ହୋଇ ଭାଦ୍ରବ ମାସ ର ଆରମ୍ଭ ହୋଇଛି ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ଆମିଷ ବଜାର ରେ ମାଛ ଦର ସବୁ ଆକାଶ ଛୁଆଁ ହୋଇଥିବା ବେଳେ ଅନେକ ଋଷୀ ବନ୍ଦୀ ପରିବାର ଆବଶ୍ୟକ ଠୁ ଅଧିକ ଦର ରେ ମାଛ ନକିଣି ଘରକୁ ଫେରିଛନ୍ତି। ଏହି ଘଟଣା କୁ ନେଇ ଅସ୍ତରଙ୍ଗ ଅଞ୍ଚଳ ର ଆର୍ତ୍ତତ୍ରାଣ ମହାନ୍ତି, ପୀତବାସ ବିଶ୍ୱାଳ, କରୁଣାକର ମହାନ୍ତି ଅନେକ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି ଯେ ମାଛ ମାର୍କେଟ ରେ ଯେଉଁ ମାଛ ସବୁ ୧୫୦/-ଟଙ୍କା ପାଖାପାଖି ଥିଲା ତାହା ଆଜି ୨୦୦/-ଟଙ୍କା ପାର ହୋଇଛି, ସାମୁଦ୍ରିକ ମାଛ, ପୋଖରୀ ମାଛ, ମୁହାଣ ମାଛ ସବୁ ମାଛ ର ଦର ଆକାଶ ଛୁଆଁ ହୋଇଥିବା ବେଳେ କଙ୍କଡା ଓ ଚିଙ୍ଗୁଡ଼ି ମଧ ପ୍ରବଳ ଦର ରେ ବିକ୍ରି ହୋଇଛି। ଏହାକୁ ନେଇ ଯୋଗାଣ ବିଭାଗ ତରଫରୁ କୌଣସି ପ୍ରକାର ତଦାରଖ ହେଉନାହିଁ। ୧ ମାସ ପର୍ଯ୍ୟନ୍ତ ଆମିଷ ବଜାର ମାନ୍ଦା ଥିବା ବେଳେ ଆଜି ବୁଧବାର ସାଙ୍ଗକୁ ଶ୍ରାବଣ ର ଶେଷ ହୋଇଥିବାରୁ ମାଛ ବଜାର ରେ ଗ୍ରାହକ ଙ୍କ ଭିଡ଼ ଜମିଥିଲା ଏହାକୁ ଦୃଷ୍ଟି ରେ ରଖି ଅନେକ ବ୍ୟବସାୟୀ ଚଢା ଦର ରେ ମାଛ ବିକ୍ରି କରି ଗୋଟେ ଦିନ ରେ ଆବଶ୍ୟକ ଠୁ ଅଧିକ ମୁନଫା କମେଇଛନ୍ତି। ଯେଉଁ ଗରିବ ଋଷୀ ପରିବାର ଲୋକ ୧ ମାସ ଶ୍ରାବଣ ବ୍ରତ ପରେ କିଛି ମାଛ ନେଇ ଯିବା ପାଇଁ ଆସିଥିଲେ ସେମାନେ କିଲୋ ସ୍ଥାନରେ ୨୫୦ ରୁ ୫୦୦ ଗ୍ରାମ ର ମାଛ କିଣି ନେବା କୁ ବାଧ ହୋଇଛନ୍ତି। ଏହାକୁ ନେଇ କିଛି ଗ୍ରାହକ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନ ମାଛ ର ଲଗାମ ଛଡା ଦର କୁ ନିୟନ୍ତ୍ରଣ କୁ ଆଣିବା ପାଇଁ ନିବେଦନ କରିଛନ୍ତି।

## ଇଣ୍ଟରନାସେନାଲ ବୁକ୍ ଅଫ ରେକର୍ଡସରେ ବିସ୍ମୟ ବାଳକ ଦାନିସ ଦେବାଂଶ



ମାତ୍ର ୪ ବର୍ଷ ବୟସର ଏହି ବିସ୍ମୟ ବାଳକ ନିଜର ବିଚକ୍ଷଣତା ଓ ପ୍ରଖର ବୁଦ୍ଧିମ୍ତା ଯୋଗୁଁ ରାଜ୍ୟ ତଥା ଜିଲା ପାଇଁ ଏହି ଗୌରବ ଆଣିଛନ୍ତି। ଦାନିସି ଦେବାଂଶ ଅପୂର୍ବ ପ୍ରତିଭା ପାଇଁ ସଫଳତା ସ୍ୱରୂପ ଇଣ୍ଟରନେସନାଲ

ଦାନଗଦୀ(ମହାଭାରତ) :କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ, ପଙ୍କ ରୁ ପଦ୍ମ ଫୁଟେ,ସେହିଭଳି ଜଖପୁରାର ଜଣେ ବିସ୍ମୟ ବାଳକ ଦାନିସ ଦେବାଂଶ ରାଉତ ( ୪)। ମାତ୍ର ୩୯ ସେକେଣ୍ଡରେ ଏସିଆ ମହାଦେଶର ୪୮ ଟି ଦେଶର ରାଜଧାନୀ ନାମ ଉଚ୍ଚାରଣ କରି ଇଣ୍ଟରନେସନାଲ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଗ୍ରାମ ପଞ୍ଚାୟତର ଦାନିସି ଦେବାଂଶ ରାଉତୟ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ପିତା ପୂର୍ଣ୍ଣଚନ୍ଦ୍ର ରାଉତ ଓ ମାତା କୌଶଲ୍ୟା ମୁଦୁଲିଙ୍କ ସହ ପୂରା ତାଙ୍କ ର ପରିବାର ସଫଳତାରେ ଖୁସି ବ୍ୟକ୍ତ କରିଥିବା ବେଳେ ଏହା ଦାନଗଦି ବ୍ଲକ୍ ଓ ଯାଜପୁର ଜିଲା ପାଇଁ ଗୌରବ ହୋଇପାରିଛି । ଏହି ରେକର୍ଡ କରିବା ପରେ ତାଙ୍କୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟିଛି । ସୂଚନାଯୋଗ୍ୟ ଯେ ୨୦୨୦ ମାର୍ଚ୍ଚ ୨୫ରେ ଜନ୍ମଗ୍ରହଣ କରିଥିବା ଦାନିସି ଦେବାଂଶଏବେ ସ୍ଥାନୀୟ ଏଷ୍ଟି ଜାଭିୟର ଇଂରାଜୀ ବିଦ୍ୟାଳୟର ଏଲ. କେ. ଜି ରେ ଅଧୟନ କରୁଛନ୍ତି। ଗତ ବର୍ଷ ଇଣ୍ଡିଆ ବ୍ଲକ୍ ଅଫ ରେକର୍ଡରେ ସ୍ଥାନ ପାଇବା ପରେ ଏ ବର୍ଷ ସେ ଦ୍ୱିତୀୟ ସଫଳତା ହାସଲ କରିଛନ୍ତି । ଭବିଷ୍ୟତରେ ଲିମ୍କା ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବା ପାଇଁ ପ୍ରସ୍ତୁତ ଚଳାଇଥିବା ତାଙ୍କ ପିତାମାତା କହିଥିବା ବେଳେ ବଡ଼ ହେଲେ ଭବିଷ୍ୟତରେ ପୁଅକୁ ଜଣେ ବୈଜ୍ଞାନିକ କିମ୍ୱା ଡାକ୍ତର କରିବା ପାଇଁ ଆଶା ରଖିଛନ୍ତି, କେବଳ ଏତିକି ନୁହେଁ, ସଂସ୍କୃତ ଶ୍ଳୋକଗୁଡ଼ିକ ନିର୍ଭୁଲ ଭାବେ ଆବୃତ୍ତି କରି କରିପାରୁଛନ୍ତି ଏହି ବିସ୍ମୟ ବାଳକ,ଦେବାଂଶଙ୍କ ପିତା ନିକଟସ୍ଥ ଭିସା ଷ୍ଟିଲରେ ଜଣେ ସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି, ଦାନିସ ଙ୍କର ସଫଳତା ରେ ତାଙ୍କ ବିଦ୍ୟାଳୟର ପ୍ରିନ୍ସପାଲ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସହପାଠୀ ଖୁସି ବ୍ୟକ୍ତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା ପାଇଁ ଭଗବାନଙ୍କ ପାଖରେ ପ୍ରାଥନା କରିଛନ୍ତି।

## ନୟାଗଡ଼ ଏସପି ରାହୁଲ ଜୈନ ପାଇବେ 'ଡିଜିପି କମେଣ୍ଡେସନ' ସମ୍ମାନ


ନୟାଗଡ଼, ( ମହାଭାରତ ) : ୨୦୨୪ ସାଧାରଣ ନିର୍ବାଚନକୁ ମୁକ୍ତ, ସ୍ୱଚ୍ଛ, ଅପରାଧମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ଶେଷ କରିଥିବାରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୨୪ ଜଣ ଆଇପିଏସ୍ ଅଧିକାରୀଙ୍କୁ ସମ୍ମାନିତ କରାଯିବ। ସେମାନଙ୍କୁ 'ଡିଜିପି କମେଣ୍ଡେସନ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି । ନୟାଗଡ଼ ଏସ୍ପି ରାହୁଲ ଜୈନ ମଧ ଏହି ସମ୍ମାନ ଗ୍ରହଣ କରିବେ ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ତାଲିକାରୁ ଜଣାପଡ଼ିଛି। ସାଧାରଣ ନିର୍ବାଚନ ପୂର୍ବରୁ ହେଉ ଅବା ପରେ ଏସ୍ପିଙ୍କ ନେତୃତ୍ୱରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ପୁଲିସର ବାରମ୍ବାର ଫ୍ଲାଗମାର୍ଚ୍ଚ ସହ ନିଜେ ଏସ୍ପି ଗାଁରେ ଗାଁରେ ପହଞ୍ଚି ମୁରବୀ ମାନଙ୍କ ସହ ଆଲୋଚନା କରିଥିଲେ। ଗାଁରେ ଭାଇଋରା ବଜାୟ ରଖିବା ପାଇଁ ଏସ୍ପି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ବିଭିଓ ଛକରେ ବ୍ଲକିଂ ଓ ଚେକିଂକୁ ମଧ ଜୋରଦାର୍ କରାଯାଇଥିଲା। ଏଣୁ କାଁ ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ନିର୍ବାଚନ ଅତ୍ୟନ୍ତ ସୁରୁଖୁରୁରେ ଶେଷ ହୋଇଥିଲା। ଫଳରେ ଏହିପରି ସମ୍ମାନ ପାଉଥିବାରୁ ଏସ୍ପି ଶ୍ରୀ ଜୈନଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି।

## ରୂପାନ୍ତରିତ କାର୍ଯ୍ୟକୁ ନେଇ ବିଦ୍ୟାଳୟରେ ୨ ଗୋଷ୍ଠୀ ହାତାହାତି



ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ନାରାୟଣ ବିଦ୍ୟାପୀଠ ରେ ରୂପାନ୍ତରିତ କାର୍ଯ୍ୟ କୁ ନେଇ ଆଜି ୨ ଗୋଷ୍ଠୀ ହାତାହାତି ହୋଇଛନ୍ତି। ଏହି ଘଟଣା ରେ ଉଭୟ ପକ୍ଷ ଆହତ ହୋଇଥିବା ବେଳେ ପରସ୍ପର ଦୋଷାରୋପ କରିଛନ୍ତି, ସୂଚନା ମୁତାବକ ୨୦୨୨-୨୩ ଆର୍ଥିକ ବର୍ଷ ରେ ପୂର୍ବତନ ସରକାର ଙ୍କ ସମୟ ରେ ଏହି ବିଦ୍ୟାପୀଠ ର ରୂପାନ୍ତରିତ କାର୍ଯ୍ୟ ପାଇଁ ୬୦/-ଲକ୍ଷ ଟଙ୍କା ଆର୍ଥିକ ମଞ୍ଜୁରୀ ଆସିଥିବା ବେଳେ ଉକ୍ତ ଅର୍ଥ ରୁ ୫୦ଲକ୍ଷ ଟଙ୍କା ବିଦ୍ୟାଳୟ ତରଫରୁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଙ୍କ ନିକଟକୁ ହସ୍ତାନ୍ତର କରାଯାଇଛି। ଏହି ଅର୍ଥ କୁ ନେଇ ବ୍ଲକ ପ୍ରଶାସନ ତରଫରୁ ରୂପାନ୍ତରିତ କାର୍ଯ୍ୟ ଅନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ବେଳେ କିଛି ଅଭିଭାବକ ଏହି କାର୍ଯ୍ୟ କୁ ନେଇ ବିରୋଧ ପ୍ରଦର୍ଶନ କରିବା ସହ ବିଦ୍ୟାଳୟ ଫାଟକ ସାମ୍ନା ରେ ଗଣଧାରଣା ରେ ବସି ରହିଥିଲେ, ଧାରଣା ରେ ବସି ଥିବା କିଛି ବ୍ୟକ୍ତି ବିଶେଷ ଯଥା ତୁଷାର କାନ୍ତି ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ ଓ କିଛି ସହଯୋଗୀ ଙ୍କ କହିବା କଥା ଏହି ରୂପାନ୍ତରିତ କାର୍ଯ୍ୟକ୍ରମ ପରିଋଳନା କମିଟି, ବିଦ୍ୟାଳୟ କର୍ତୃପକ୍ଷ ଙ୍କ ଅଗୋଚର ସହିତ ବିନା ସୂଚନା ରେ ହେଉଥିବା ରୁ ଆମେ ଏହି କାର୍ଯ୍ୟ କୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରୁଛୁ। ଏହା ଦ୍ୱାରା ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ତୁରନ୍ତ ବ୍ଲକ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ ନକଲେ ଆଗାମୀ ଦିନ ରେ ଏହି ଆନ୍ଦୋଳନ ତୀବ୍ର ରୂପ ନେବ, ଠିକ ସେହିପରି ଉକ୍ତ ପଞ୍ଚାୟତ ର ୪ନମ୍ବର ୱାର୍ଡ ସଭ୍ୟା ଶୁଭଶ୍ରୀ ପ୍ରଧାନ ଙ୍କ ନେତୃତ୍ୱ ରେ କିଛି ମହିଳା ଓ କାର୍ଯ୍ୟ କୁ ସମର୍ଥନ କରୁଥିବା ଅଞ୍ଚଳବାସୀ ପାଲଟା ଅଭିଯୋଗ ଆଣିଥିଲେ ଯେ ଏହା ସରକାର ଙ୍କ କାର୍ଯ୍ୟ, ସରକାର ଙ୍କ ଅର୍ଥ ବିନିଯୋଗ ହୋଇଛି। ବ୍ଲକ ପ୍ରଶାସନ ଏହାକୁ ଦାୟିତ୍ୱ ସହକାରେ ନେଇ କରୁଛି। ଏହି କାର୍ଯ୍ୟକ୍ରମ କୁ କିଛି କୁଚକ୍ରୀ ଗୋଷ୍ଠୀ ବିରୋଧ କରୁଛନ୍ତି। ଯାହାଦ୍ୱାରା ଏଥିରେ ଛାତ୍ରଛାତ୍ରୀ ଙ୍କ ପାଠପଢା, ଭବିଷ୍ୟତ, ଓ ବିଦ୍ୟାଳୟ ର ଶାନ୍ତିପୂର୍ଣ୍ଣ ବାତାବରଣ ଉପରେ କୁ ପ୍ରଭାବ ପକାଉଛି। ସରକାର ଙ୍କ ଏହି ରୂପାନ୍ତରିତ କାର୍ଯ୍ୟ କୁ ଆମେ ସମର୍ଥନ କରିବା ସହ ଏହାକୁ ଆଗେଇ ନେବା ପାଇଁ ଆମେ ପୂର୍ଣ୍ଣ ସହଯୋଗ କରିବୁ। ଆବଶ୍ୟକ ସ୍ଥଳେ ବିରୋଧ ପଦର୍ଶନ କରୁଥିବା ବ୍ୟକ୍ତି ବିଶେଷ ଙ୍କ ବିପକ୍ଷ ରେ ଆମେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା କୁ ପଛାଇବୁ ନାହିଁ। ପରସ୍ପର କୁ ଦୋଷାରୋପ କରିବା ସମୟ ରେ ଉଭୟ ଗୋଷ୍ଠୀ ଙ୍କ ଭିତରେ କିଛି ବଚସା ହୋଇଥିଲା ଓ ପରିଶେଷରେ ହାତାହାତି ହୋଇଥିଲେ। ଘଟଣା ସ୍ଥଳରେ କିଛି ସମୟ ଧରି ଉତ୍ତେଜନା ଲାଗିଥିଲା ଓ ରୂପାନ୍ତରିତ କାର୍ଯ୍ୟ ସ୍ଥଗିତ ହୋଇଥିଲା, ଏହାକୁ ଦୃଷ୍ଟି ରେ ରଖୀ କିଛି ଗ୍ରାମବାସୀ ଏହି ସଂକ୍ରାନ୍ତ ରେ ପ୍ରଶାସନ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ଦାବୀ କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଯନ୍ତ୍ରୀ ସନ୍ତୋଷ କୁମାର ସେଠି ଘଟଣା ଉପରକୁ ଯାଇ ବିଧିବଦ୍ଧ ତଦନ୍ତ କରି ଶାନ୍ତିପୂର୍ଣ୍ଣ ହିସାବରେ କିପରି ରୂପାନ୍ତରିତ କାର୍ଯ୍ୟ ଆଗକୁ କିପରି ପୂର୍ଣ୍ଣାଙ୍ଗ ରୂପ ନେବ ତାହା ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶୃତି ଦେଇଛନ୍ତି।

## ହରିଶଙ୍କରରେ ପ୍ରବଳ ବର୍ଷା ଉଛୁଳିଲା ଝରଣା ପାଣୀ




ପାଟଣାଗଡ଼ ( ମହାଭାରତ ) ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ଶୈବ ପୀଠ ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଝରଣାରେ ଅପ୍ରତ୍ୟାଶିତ ଭାବରେ ପାଣି ଉଛୁଳି ପଡ଼ିଛି। ଯାହା ଫଳରେ କିଛି ସମୟ ପାଇଁ ହରିଶଙ୍କର ଝରଣା କୁଳ ରେ ହୋହାଲ୍ଲା ହୋଇଥିଲା । ଝରଣାରେ ଗାଧୋଉ ଥିବା ପର୍ଯ୍ୟଟକ ଭୟରେ ଧାଇଁ ପଳାଇ ଆସିଥିଲେ। ଏପରି କି ଝରଣା ଉଛୁଳି ହନୁମାନ ମୂର୍ତ୍ତି ପଟୁ ନୂଆ ଭୋଗ ମଣ୍ଡପ ସମ୍ମୁଖ ଦେଇ ପାଣି ବହିଥିଲା । ଅଳ୍ପ ସମୟ ପରେ ପୁଣି ଝରଣା ସ୍ୱାଭାବିକ ହୋଇଥିବା ଲେ ଝରଣା ଉଛୁଳା ଭିଡିଓ ଏବେ ଭାଇରାଲ ହେଉଛି । ପାହାଡ ଉପରେ ପ୍ରବଳ ବର୍ଷା , ଯାହା ଫଳରେ ଏ ଭଳି ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।ଏନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଙ୍କୁ ପଋରିବାରୁ ପାହାଡ ଉପରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହୋଇଥିବା ଅନୁମାନ କରାଯାଉଛି ବୋଲି କହିଥିଲେ ।ସୂଚନା ଯୋଗ୍ୟ ୪ ବର୍ଷ ତଳେ ମଧ ଏହା ଠାରୁ ଅଧିକ ଝରଣା ପାଣି ଉଛୁଳି ରେଲିଂ, କାମ୍ୟ ଆଦି ଭାଙ୍ଗିଥିଲା । ଅଘଟଣ ରୋକିବାକୁ ପ୍ରଶାସନ ସଜାଗ ରହିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି ।

## ଜନଶୁଣାଣି ଶିବିର ଅନୁଷ୍ଠିତ



କଳାହାଣ୍ଡି/(ମହାଭାରତ): ଆଜି ଗୋଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ,ଧର୍ମଗଡ ଧିମନ ଚକମା, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ,ବି ଡି ଓ ଶ୍ରୀଧର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୬୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।୧୦ ଟି ଅଭିଯୋଗର ସମାଧାନ ତୁରନ୍ତ କରଯାଇଥିଲା।ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୨ ଜଣ ଏବଂ ରେଡକ୍ରସ ପାଣ୍ଠିରୁ ୧ ଜଣଙ୍କୁ ସହାୟତା ପ୍ରଦାନ ମଞ୍ଜୁର କରାଯାଇଥିଲା।

### ଅନ୍ଧାରରେ କୁଆଁରିଆ ଜଳଭଣ୍ଡାର

## ବିଦ୍ୟୁତକରଣ ପ୍ରତି ଦିଆଯାଉନି ଗୁରୁତ୍ୱ, ସଞ୍ଜ ହେଲେ ଜମୁଛି ନିଶାଡ଼ିଙ୍କ ଆଡ଼ା

ଦଶପଲ୍ଲା, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ବିଭିଓ ପର୍ଯ୍ୟଟନସ୍ଥଳ ମଧ୍ୟରେ କୁଆଁରିଆ ଜଳଭଣ୍ଡାରର ସ୍ୱତନ୍ତ୍ର ପରିଚୟ ରହିଛି। ଏହାର ସୌନ୍ଦର୍ଯ୍ୟକରଣ ପାଇଁ ବିଭିଓ ସମୟରେ କୋଟି କୋଟି ଟଙ୍କା ଅନୁଦାନ ଆସୁଛି। ହେଲେ ଆଲୋକୀକରଣକୁ ଦିଆଯାଉନି ଗୁରୁତ୍ୱ। ସଞ୍ଜ ନଇଁଲେ ଏଠାରେ ନିଶାଡ଼ିଙ୍କ ଆଡ଼ା ଜମୁଛି। ଏଠାକୁ ବର୍ଷ ତମାମ୍ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ମାତ୍ର କୁଆଁରିଆ ଜଳଭଣ୍ଡାରରେ ଆଲୋକାକରଣ ବ୍ୟବସ୍ଥା ନଥିବା ହେତୁ ପର୍ଯ୍ୟଟକଙ୍କ ପାଇଁ ଏହା ଅସୁରକ୍ଷିତ ହୋଇପଡୁଛି। ଏହାର ଶ୍ରୀବୃଦ୍ଧି ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ କରାଯାଉଥିବା ବେଳେ ପ୍ରାଥମିକତା ଭିତ୍ତିରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ଦାବି ହେଉଛି। ସୂଚନା ମୁତାବକ, ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ ମଧ୍ୟରେ ଶୋଭାବର୍ଦ୍ଧନ କରୁଥିବା କୁଆଁରିଆ ଜଳଭଣ୍ଡାର ଓ ମୃଗ ବିହାର ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ଶୀତଋତୁରେ ଲକ୍ଷଲକ୍ଷ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏୟ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କୁଆଁରିଆ ଜଳଭଣ୍ଡାରରେ ଥିବା ପାହାଡ଼ ଉପରେ ଟୁରିଷ୍ଟ ସଟ୍ ସାଙ୍ଗକୁ ୱାଚ୍ ଟାୱାର, ସିମେଣ୍ଟରେ ତିଆରି ସୁନ୍ଦରସୁନ୍ଦର କାରୁକାର୍ଯ୍ୟ ଏବଂ ମତ୍ସ୍ୟଜୀବୀଙ୍କ ନୌକା ବିହାର ପର୍ଯ୍ୟଟକଙ୍କୁ ଆମୋଦିତ କରିଥାଏ। ଏଥି ସହିତ ଏହାର ଶ୍ରୀବୃଦ୍ଧି କରିବା ପାଇଁ ଏବେ ୨ କୋଟି ଟଙ୍କା ବ୍ୟୟରେ ପାର୍କ ଓ ମ୍ୟୁଜିୟମ ନିର୍ମାଣ ଋଲିଛି। ଆଗକୁ ୧୦ ଏକର ପରିମିତ ସ୍ଥାନରେ ଏକ 'ମିନିକୁ' ନିର୍ମାଣ ପାଇଁ ପ୍ରକ୍ରିୟା ଋଲୁ ରହିଛି। ପ୍ରତିବର୍ଷ ଏଠାକୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସୁଥିବା ବେଳେ ଡିସେମ୍ବର ଠାରୁ ଫେବୃଆରୀ ଏବଂ ବିଭିଓ ପର୍ବ ପର୍ବାଣୀ ସାଙ୍ଗକୁ ଛୁଟି ଦିନ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାକୁ କେବଳ ଓଡ଼ିଶା ନୁହେଁ ବହୁ ବିଦେଶୀ ପର୍ଯ୍ୟଟକ ମଧ ଆସିଥାନ୍ତି। ୧୯୮୪ ମସିହାରେ କୁଆଁରିଆ ଜଳଭଣ୍ଡାର ନିର୍ମାଣ ହେବା ସମୟରେ ଏହାର ଚତୁର୍ପାର୍ଶ୍ ଆଲୋକୀକରଣ କରାଯାଇଥିଲା। ଫଳରେ ପର୍ଯ୍ୟଟକ ମାନେ ଏହାର ମଜା ଉଠାଇବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ରହି ପାରୁଥିଲେ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘବର୍ଷ ହେଲା ବିଦ୍ୟୁତକରଣ ବ୍ୟବସ୍ଥା ମାଟିରେ ମିଶିଛି। ଏହାର ବଲ୍ବ ଓ ବିଦ୍ୟୁ ଖୁଣ୍ଟ ଆଦି ଚୋରି କରି ନେବା ଦ୍ୱାରା ଏହା ଏବେ ଅନ୍ଧକାର ହୋଇ ରହିଛି। ସଞ୍ଜ ହେଲେ ଜଳଭଣ୍ତାର ଅନ୍ଧାର ହେତୁ ନିଶାଡ଼ିଙ୍କ ଆଡ଼ା ଜମୁଛି। ଯାହାକି ବିଭିଓ ସମୟରେ ପର୍ଯ୍ୟଟକଙ୍କୁ ମଧ ଆକ୍ରୋଶର ଶିକାର ହେବାକୁ ପଡୁଛି। ଫଳରେ ସଞ୍ଜ ନଇଁବା ପୂର୍ବରୁ ପର୍ଯ୍ୟଟକ ଭୟ ଓ ଆତଙ୍କରେ କୁଆଁରିଆ ଛାଡୁଛନ୍ତି। ତୁରନ୍ତ ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ପର୍ଯ୍ୟଟକ ମହଲରେ ଦାବି ହେଉଛି। ଏସମ୍ପର୍କରେ ଜଳସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଅଲୋକିକରଣ ପାଇଁ କୌଣସି ପ୍ରସ୍ତାବ ହୋଇନାହିଁ । ଜଳଭଣ୍ଡାରର ବନ୍ଧ ଓ ୱାଲ୍ ଦୁର୍ବଳ ହେଲାଣି। ଏଥିପାଇଁ ଅନୁଦାନ ଆସିଲେ ଏହାର ରିପୋର୍ଟ ପ୍ରସ୍ତୁତ ହୋଇ ପ୍ରସ୍ତାବ ଦିଆଯିବ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କୋକସରା ଠାରେ ୧୨ ଘଣ୍ଟିଆ ବନ୍ଦ ପାଳନ



କୋକସରା,(ମହାଭାରତ) : ଅଗଷ୍ଟ ୧ ତାରିଖରେ ଉଚ୍ଚ ନ୍ୟାୟାଳୟ ଅନୁସୂଚିତ ଜାତି ଓ ଜନଜାତି ମଧ୍ୟରେ ଥିବା ଆରକ୍ଷଣରେ ବର୍ଗକରଣ, କ୍ରମିଲୋୟର ବ୍ୟବସ୍ଥାରେ ବର୍ଗିକରଣ ଉପରେ ରାୟ ଦେଇଥିଲେ। ଏହାର ବିରୋଧରେ ଦେଶବ୍ୟାପୀ ବହୁଜନ ରାଜନୈତିକ ଓ ସାମାଜିକ ସଂଗଠନ ପ୍ରତିବାଦ କରି ବୁଧବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦେଇଥିଲେ। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର କୋକସରା, ଲଡୁଗାଁ ଓ ଆମପାଣି ଠାରେ ଶାନ୍ତିପୂର୍ଣ୍ଣ ଭାବେ ଭାରତ ବନ୍ଦ ପାନଳ କରାଯାଇଛି। କୋକସରା ବ୍ଲକ ସଦର ମହକୁମା ଥାନା ନିକଟରେ ଏସଟି ଓ ଏସସି ସୁରକ୍ଷା ମହାସଂଘ ଡାକରା କ୍ରମେ ବ୍ଲକର ବିଭିନ୍ନ ସ୍ଥାନରୁ ଅନୁସୂଚିତ ଜାତି ଓ ଜନଜାତି ସମେତ ବିଭିନ୍ନ ସଂଗଠନ ପକ୍ଷରୁ ସକାଳୁ ୬ଟା ସମୟରୁ ଜାତୀୟ ରାଜପଥ ୨୬କୁ ଅବରୋଧ କରି ବନ୍ଦ ପାଳନ କରିଥିଲେ।ଏହା ପୂର୍ବରୁ ଶାନ୍ତିପୂର୍ଣ୍ଣ ଭାବେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ କରିଥିଲେ। ବନ୍ଦ ପ୍ରଭାବରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ମଟର ଅଟକି ରହିଥିବାବେଳେ ଯାତାୟତ ଠପ୍ ହୋଇଥିଲା। ସେହିପରି ଆମପାଣିଠାରେ ମଧ ଜାତୀୟ ରାଜପଥକୁ ଅବରୋଧ କରି ବନ୍ଦ ପାଳନ କରାଯାଇଥିଲା। ଲଡୁଗାଁ ଠାରେ ଦୋକାନ ବଜାର ବନ୍ଦ କରିବା ସହ ଭାରତ ବନ୍ଦର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଥିଲା। କୋକସରା ଠାରେ ଆନ୍ଦୋଳନରେ ପଦ୍ମ କିଶୋର ପୁଝାରୀ, ଗରୁଡଧ୍ଵଜ ମାଝୀ, ଯଶୋବନ୍ତ ସିଂ ନାଏକ, ଘନଶ୍ୟାମ ନାଏକ, ଅଶୋକ କୁମାର ପୁଝାରୀ, ଦୈତାରି ଭୋଇ, ଶାନ୍ତନୁ କୁମାର ନାଏକ, ହେମନ୍ତ ମାଝୀ, ପୁଷ୍ପଧ୍ଵଜ ଶବର, ମଣିରାମ ଶବର, ମହେନ୍ଦ୍ର ଧରୁଆ, ଖିରସିନ୍ଧୁ ମାଝୀ, ଗୋବର୍ଦ୍ଧନ ବାଗ, କିଶୋର ନାଏକ, ବେଣୁପାଣି ଦୁର୍ଗା, କୌଶିକ ଦୁରିଆ, ଧବଳେଶ୍ର ନାଗ, ସତ୍ୟବାନ ପାଣିଗ୍ରାହି, ଦିଗାମ୍ବର ବେମାଲ, ଘନଶ୍ୟାମ ଜାଲ, ବାମଦେବ ଠାକୁର ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଆମପାଣିଠାରେ ଟିକିଚନ୍ଦ୍ର ଧଙ୍ଗଡାମାଝୀ, କୁମୁଦ ପୁଝାରୀ, ଦୈତ୍ୟାରି ମାଝୀ, ଭାସ୍କର ଦଣ୍ଡସେନା, କେଶବ ବେଣୁପାଣି, ଦୟାନିଧି ନାଏକ, ମନୋରଞ୍ଜନ ବାଣୁଆ, ନକୁଳ ବାଣୁଆ, ନିତ୍ୟାନନ୍ଦ ମାଝୀ, ଉଦ୍ଧବ ନାଏକ, ଗୋବିନ୍ଦ ମାଝୀ, ଲଡୁଗାଁଠାରେ ଗରୁଡ଼ ବାଗ, ଦେବାନନ୍ଦ ନାଏକ, ଟୁନୁ ମହାନନ୍ଦ, ଭକ୍ତପ୍ରସାଦ ଶବର, ଦେବେନ୍ଦ୍ର ମାଝୀ, ଲକ୍ଷ୍ମଣ ଛତ୍ରିଆ, ଧ୍ଵଜ ମହାନନ୍ଦ, ଭୁନେଶ୍ୱର ଦୁର୍ଗା, ଉଦ୍ଧବ ବାଗ, ଓମ୍ ପ୍ରକାଶ ଛତ୍ରିଆ, ଛୁଡ଼ାମଣି ମହାନନ୍ଦ, ମୂରଲୀଧର ପାଣିଗ୍ରାହୀ, ତପନ ନଏକ, ମୋହନ ବାଗ, ଚନ୍ଦନ ବାଗ, ତେଜରାଜ ଦୁରିଆ, କ୍ଷିତିରାମ ଦୁରିଆ, ସୁକାନ୍ତ ମହାନନ୍ଦ, ଭୁବନେଶ୍ୱର ବାଗ, ଘନ ପାନ, ଭାରତ ପାନ, ସଞ୍ଜୟ ପାଣିଗ୍ରାହୀ, ଆଲୋକ ବାଗ, ହୁମାୟୁନ ନଏକ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ।

## ରାଇଘରରେ ଭାରତବନ୍ଦ ପାଳନ




ରାଇଘର ବ୍ଲକ(ମହାଭାରତ) ଠାରେ ଅନୁସୁଚିତ ଜାତି ଏବଂ ଜନଯାତି ତରଫରୁ ବିରୋଧ କରା ଯାଇଥିଲା ଏବଂ ସର୍ବୋଚ୍ଚ ନ୍ୟାୟାଳୟର କୋଟା ଆରକ୍ଷଣ ଉପରେ ଗ୍ରହଣ କରିଥିବା ନିଷ୍ପି କୁ ବିରୋଧ କରି ରାଇଘର ସହରରେ ଦଳିତ ମହାସଂଘ ଆମ୍ବେଦକର ବିଋର ମଞ୍ଚ ଓ ବିଭିଓ ସଂଗଠନ ତରଫରୁ ଭାରତ ବନ୍ଦ ଡାକରାରେ ବନ୍ଦପାଳନ କରାଯାଇଛି ଏହି ଅବସାରେ ସହର ର ରାଇଘର, ଯୋଡିଙ୍ଗା, ହାଟଭାରଣ୍ଡ ପ୍ରଭୃତି ସ୍ଥାନରେ ଦଳିତ ବୀରୋଧୀ ନୀତି କୁ ସମଗ୍ର ଭାରତବର୍ଷ ରେ ଦୃଢ଼ ପ୍ରତିବାଦ କରାଯିବା ସହ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଅନୁସୁଚିତ ଜାତି ଓ ଜନଜାତି ଙ୍କ ଉପରେ ନିର୍ଣ୍ଣୟ କରୁଥିବା କୋଟା ଭିକ ରାୟ କୁ ବନ୍ଦ କରିବା ପାଇଁ ସ୍ଲୋଗାନ ମାଧମରେ ବିରୋଧ କରାଯାଇଛି। ଅନୁସୁଚିତ ଜାତି ଓ ଜନଜାତି ସଂଘ ଏହି ପ୍ରତିବାଦ କାର୍ଯ୍ୟକ୍ରମ ରେ ସାମିଲ ରହି ଦୃଢ଼ ବିରୋଧ ପ୍ରତିବାଦ ଶୋଭାଯାତ୍ରା ଓ ଧାରଣା କରାଯାଇ ଭାରତ ବନ୍ଦ କରାଯାଇଥିଲା ଏବଂ କେନ୍ଦ୍ର ରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ କରିଥିଲେ। ଏହି ବନ୍ଦପାଳନ ସହରରେ ଗାଡ଼ି ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନବଜାର ସ୍କୁଲ କଲେଜ ସରକାରି ଅଫିସ୍ ମଧ ବନ୍ଦ ରହିଥିଲା ଏବଂ ଶାନ୍ତି ଶୃଙ୍ଖଳା କୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବନ୍ଦୋବସ୍ତ ହେଇଥିଲା। ଏହି ବନ୍ଦ ସକାଳ ୬ .୩୦ ରୁ ସଂନ୍ଧ୍ୟା ୭ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ହେଇଥିଲା ସମସ୍ତେ ଏହି ଭାରତ ବନ୍ଦକୁ ସମର୍ଥନ କରିବାପାଇଁ ଅୟୋଜକ ଖେଦୁରାମ ଝାଙ୍କରଙ୍କ କହିଥିଲେ ସମର୍ଥକ ରାଇସିଂ ଗଣ୍ଡ, ସନ୍ତୁ ନାଗ, ବିଜୟ ଗଣ୍ଡ, ଚି୍ ଗଣ୍ଡ, ବୁଦୁ ଗଣ୍ଡ, ନାରାୟଣ ସୁନାନୀ, ଧନୁରାମ ଗଣ୍ଡ,ବାଦୁ ଗଣ୍ଡ,ମହେଶ ଗଣ୍ଡ, ସୁରେଶ ଭାରତୀ, ନବି ସାନ୍ତା, ସୁକରାମ ସୁନାନୀ, ଓ ସମସ୍ତ କର୍ମକର୍ତ୍ତା ରହି ଭରତ ବନ୍ଦ୍ଦ ସଫଳ କରିଥିଲେ।

# ଜୟ ଶାହ ହେବେ ଆଇସିସି ଅଧ୍ୟକ୍ଷ !



ନୂଆଦିଲ୍ଲୀ,୨୧।୮: ଜୟ ଶାହ ହୋଇପାରନ୍ତି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ଅଧ୍ୟକ୍ଷ। ବୋର୍ଡ ଅଫ୍ କଣ୍ଟ୍ରୋଲ୍ ଫର୍ କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ସଚିବ ତଥା କେନ୍ଦ୍ର ଗୃହମନ୍ତ୍ରୀଙ୍କ ପୁଅ ଜୟ ଶାହ। ଆଇସିସି ଅଧ୍ୟକ୍ଷ ହେବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି।ବର୍ତ୍ତମାନର ଅଧ୍ୟକ୍ଷ ଗ୍ରେଗ ବାର୍କଲେଙ୍କ କାର୍ଯ୍ୟକାଳ ସରିବା ପରେ ସେ ଏହି ଦାୟିତ୍ୱ ନେଇପାରନ୍ତି।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ବର୍ତ୍ତମାନର ଅଧ୍ୟକ୍ଷ ଗ୍ରେଗ ବାର୍କଲେଙ୍କ କାର୍ଯ୍ୟକାଳ ନଭେମ୍ବର ୩୦ରେ ଶେଷ ହେବା ପରେ ସେ ଏହି ପଦରୁ ଇସ୍ତଫା ଦେବେ। ତୃତୀୟ ଥର ପାଇଁ ଆଇସିସି ଅଧ୍ୟକ୍ଷ ହେବାକୁ ସେ ନିଜ ଆଡୁ ମନା କରି ଦେଇ ଥିବାରୁ ଜୟ ଶାହଙ୍କ ନାମ ଚର୍ଚ୍ଚାରେ ରହିଛି। ସେପଟେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ। ମଧ୍ୟ ଜୟ ଶାହଙ୍କୁ ସମର୍ଥନ ଜଣାଇଛନ୍ତି। ଫଳରେ ଜୟ ଶାହ ଆଇସିସିର ପରବର୍ତ୍ତୀ ଅଧ୍ୟକ୍ଷ ହେବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ପ୍ରକାଶ ଥାଉକି, ଆଇସିସି ଅଧ୍ୟକ୍ଷ ପ୍ରତ୍ୟେକ ଦୁଇ ବର୍ଷ ଲେଖାଏଁ ତିନି ଟର୍ମ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ନ୍ୟୁଜିଲ୍ୟାଣ୍ଡର ଗ୍ରେଗ ବାର୍କଲେ ୨୦୨୦ରେ ଆଇସିସିର ସ୍ୱାଧୀନ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ ।୨୦୨୨ରେ ମଧ୍ୟ ପୁନର୍ବାର ନିର୍ବାଚିତ ହୋଇଥିଲେ। ଚଳିତ ବର୍ଷ ନଭେମ୍ବରରେ ତାଙ୍କର ଚାରି ବର୍ଷର କାର୍ଯ୍ୟକାଳ ଶେଷ ହେବ। କିନ୍ତୁ ସେ ତୃତୀୟ ଥର ପାଇଁ ଆଇସିସି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବେ ନାହିଁ ବୋଲି ମନା କରି ଦେଇଛନ୍ତି।

ନଭେମ୍ବରରେ ତାଙ୍କ କାର୍ଯ୍ୟକାଳ ସରିବା ପରେ ସେ ଏହି ପଦରୁ ଇସ୍ତଫା ଦେବେ ବୋଲି ଆଇସିସିକୁ ଜଣାଇ ସାରିଛନ୍ତି। ଫଳରେ ନୂଆ ଅଧ୍ୟକ୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ ନିର୍ବାଚନ କରିବାକୁ ପଡିବ ଯଦି ଏକାଧିକ ବ୍ୟକ୍ତି ନାମାଙ୍କନ ଦାଖଲ କରନ୍ତି, ତେବେ ନିଶ୍ଚିତ ରୂପେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନାମାଙ୍କନ ଭରିବାର ଶେଷ ତାରିଖ ଅଗଷ୍ଟ ୨୭ ରହିଛି। ଆଇସିସି ନିୟମ ଅନୁସାରେ, ଚେୟାରମ୍ୟାନ୍ ନିର୍ବାଚନରେ ୧୬ଟି ଭୋଟ୍ ରହିଛି। ପୂର୍ବରୁ ଅଧ୍ୟକ୍ଷ ହେବାକୁ ହେଲେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପଡୁଥିଲା। ବର୍ତ୍ତମାନ କିନ୍ତୁ ବିଜୟ ହେବା ପାଇଁ ପ୍ରାର୍ଥୀଙ୍କୁ ନଅଟି ଭୋଟ୍ ଅର୍ଥା ୫୧% ସମର୍ଥନ ସହ ସଂଖ୍ୟାଗରିଷ୍ଠତା ଆବଶ୍ୟକ ଯଦି ଜୟ ଶାହ ଏଥିପାଇଁ ନାମାଙ୍କନ ଭରନ୍ତି, ତେବେ ସେ ଅଧ୍ୟକ୍ଷ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି କାରଣ ଭୋଟ୍ ଦେବାକୁ ଥିବା ୧୬ ଜଣ ସଦସ୍ୟଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି।

ଏପରି ହେଲେ ସେ ତୃତୀୟ ଭାରତୀୟ ଭାବେ ଏହି ପଦରେ ଅଳଙ୍କୃତ ହେବେ ଏହା ପୂର୍ବରୁ ଜଗମୋହନ ଡାଲମିଆ। ୧୯୯୭ରୁ ୨୦୦୦ ପର୍ଯ୍ୟନ୍ତ ଏବଂ ଶରଦ ପାଓ୍ବାର ୨୦୧୦ରୁ ୨୦୧୨ ପର୍ଯ୍ୟନ୍ତ ଆଇସିସିର ମୁଖ୍ୟ ପଦରେ ରହିଥିଲେ।

## ଆଇସିସି ଦିନିକିଆ ରାଙ୍କିଂ

# ପ୍ରଥମ ୫ ଜଣଙ୍କ ମଧ୍ୟରେ ୩ ଭାରତୀୟ




ନୂଆଦିଲ୍ଲୀ, ୨୧।୦୮: ଇଣ୍ଟରନାସନାଲ୍ କ୍ରିକେଟ୍ କାଉନ୍ସିଲ୍ ବା ଆଇସିସିର ଦିନିକିଆ। ରାଙ୍କିଂରେ ଭାରତୀୟ କ୍ରିକେଟରଙ୍କ ଜଲ୍ୱା ପୁଣିଥରେ ଦେଖିବାକୁ ମିଳିଛି । କେବଳ ଭାରତୀୟ ଖେଳାଳି ନୁହଁନ୍ତି, ଗତ ସପ୍ତାହରେ କୌଣସି ମ୍ୟାଚ ଖେଳାଯାଇନଥିଲ ଏହାପରେ ମଧ୍ୟ ଆଇସିସି ଏହାର ରାଙ୍କିଂ ପ୍ରକାଶ କରିଛି ବ୍ୟାଟ୍ସମ୍ୟାନ ରାଙ୍କିଂରେ ଭାରତର ତାରକା ଖେଳାଳିମାନେ ନିଜ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ତିନିଜଣ ଟିମ ଇଣ୍ଡିଆର।

ଦିନିକିଆର ନୂତନ ରାଙ୍କିଂରେ ପାକିସ୍ତାନର ବାବର ଆଜାମ ଏବେ ମଧ୍ୟ ଏକ ନମ୍ବର ସ୍ଥାନରେ ରହିଛନ୍ତି।ବାବରଙ୍କ ରେଟିଙ୍ଗ୍ ୮୨୪ ରହିଛି। କିନ୍ତୁ ଚର୍ଚ୍ଚାର ବିଷୟ ଯେ ଗତ ଆଠ ମାସ ଧରି ବାବର କୌଣସି ଦିନିକିଆ। ମ୍ୟାଚ ଖେଳି ନାହାଁନ୍ତି। ତଥାପି ସେ ଏକ ନମ୍ବର ସ୍ଥାନରେ ରହିଛନ୍ତି। କିନ୍ତୁ ଏହା ପରେ ଭାରତୀୟ ଖେଳାଳିମାନେ ଲଗାତାର ତିନିଟି ସ୍ଥାନରେ ରହିଛନ୍ତି । ଆଇସିସି ର୍‍ୟାଙ୍କିଂରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ଅଛନ୍ତି ।ତାଙ୍କର ରେଟିଂ ବର୍ତ୍ତମାନ ୭୬୫ ଅଛି। ସେ ବାବର ଆଜାମଙ୍କ ନିକଟତର ହେବାକୁ ଯାଉଛନ୍ତି। କିନ୍ତୁ ତାଙ୍କୁ ଅତିକ୍ରମ କରିବାକୁ ରୋହିତ ଶର୍ମାଙ୍କୁ ଦିନିକିଆରେ ଆଉ କିଛି ବଡ ଇନିଂସ ଖେଳିବାକୁ ପଡିବ। ଏହା ପରେ ଶୁବମାନ ଗିଲ ତିନି ନମ୍ବରରେ ଅଛନ୍ତି ।ତାଙ୍କର ରିଟିଙ୍ଗ୍ ୭୬୩ ରୋହିତ ଏବଂ ଶୁଭମାନଙ୍କ ରାଙ୍କିଂ ମଧ୍ୟରେ ବହୁତ କମ ପାର୍ଥକ୍ୟ ଅଛି ।ଅନ୍ୟପଟେ ପୂର୍ବତନ ଅଧିନାୟକ ବିରାଟ କୋହଲି ଚାରି ନମ୍ବର ସ୍ଥାନ ବଜାୟ ରଖିଛନ୍ତି ତାଙ୍କର ରେଟିଙ୍ଗ୍ ୭୪୬ ।

# ଚାମ୍ପିଅନ୍ସ ଟ୍ରଫି ନେଇ ମୁଣ୍ଡ ନୁଆଁଇବନି ପାକିସ୍ତାନ



ନୂଆଦିଲ୍ଲୀ,୨୧।୮: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ସହିତ ଜଡିତ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ନିକଟରେ ଚର୍ଚ୍ଚା ହେଉଥିଲା ଯେ ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସି ଚାମ୍ପିଅନ୍ସ ଟ୍ରଫିର ତାରିଖ ବଦଳାଇବ। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ସମସ୍ତ ଅନୁମାନକୁ ଖାରଜ କରିଦେଇଛି। ପାକିସ୍ତାନ କ୍ରିକେଟ ବୋର୍ଡ ସ୍ପଷ୍ଟ ଭାବେ କହିଛି, ଆଇସିସି ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟସୂଚୀରେ ପରିବର୍ତ୍ତନ ହେବାର କୌଣସି ପ୍ରଶ୍ନ ନାହିଁ। ହାଇବ୍ରିଡ ମଡେଲ ଗ୍ରହଣ କରୁଥିବା ଭାରତର ଗୁଜବକୁ ଏଭଳି ବିବୃତ୍ତି ଦେଉଛି।

ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରେସ ବିଜ୍ଞପ୍ତିରେ କହିଛି ଯେ, କିଛି ଗଣମାଧ୍ୟମ ପିସିବି ଅଧ୍ୟକ୍ଷ ମୋହସିନ ନକଭିଙ୍କ ବିବୃତ୍ତିକୁ ବିକୃତ କରିଛି। ଏହି ଗଣମାଧ୍ୟମର ରିପୋର୍ଟଗୁଡିକୁ ଉଦ୍ଧୃତ କରି କୁହାଯାଇଥିଲା ଯେ ସୁରକ୍ଷା ଚିନ୍ତାଧାରାକୁ ଦୃଷ୍ଟିରେ ରଖି ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ତାରିଖରେ ପରିବର୍ତ୍ତନ ସମ୍ଭବ। ଯାହା ପରେ ଲୋକଙ୍କ ମଧ୍ୟରେ ଭୁଲ ଖବର ବ୍ୟାପିଗଲା। ତିନିଟି ଷ୍ଟାଡିୟମ ପୁନଃନିର୍ମାଣ ସରିବା ପରେ କାର୍ଯ୍ୟସୂଚୀରେ ସମାପ୍ତ ହେବ, ଯାହାଦ୍ୱାରା ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାକୁ ପ୍ରସ୍ତୁତ ହେବ କିନ୍ତୁ ଏହି ବିବୃତ୍ତିଗୁଡିକ ଭୁଲ ଭାବରେ ଉପସ୍ଥାପିତ ହୋଇଥିଲା।

ପ୍ରେସ ବିଜ୍ଞପ୍ତିରେ ଆହୁରି କୁହାଯାଇଛି ଯେ, ନିର୍ମାଣ କାର୍ଯ୍ୟକୁ ସହଜ କରିବା ପାଇଁ କିଛି ଘରୋଇ ମ୍ୟାଚ ସ୍ଥାନାନ୍ତର ହେବା ଆବଶ୍ୟକ ହୋଇପାରେ, କିନ୍ତୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ସହିତ ଏହାର କୌଣସି ସମ୍ପର୍କ ନାହିଁ। ପାକିସ୍ତାନର ତିନୋଟି ପ୍ରତିଷ୍ଠିତ ସ୍ଥାନରେ ବିଶ୍ୱ ସ୍ତରୀୟ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାକୁ ପିସିବି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ, ଯାହା ଆମର କ୍ରିକେଟ ପ୍ରଶଂସକଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ ହେବ। ଆସନ୍ତା ବର୍ଷ ଫେବୃଆରୀ ୧୯ ରୁ ୯ମାର୍ଚ୍ଚ ମଧ୍ୟରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେବ।

ଚମ୍ପିଆନ୍ସ ଟ୍ରଫି ଖେଳିବାକୁ ଭାରତ ପାକିସ୍ତାନ ଯିବ କି ନାହିଁ। ତାହା ଉପରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ନାହିଁ ଆଇସିସି ଭାରତୀୟ ଦଳ ପାଇଁ ଏକ ହାଇବ୍ରିଡ ମଡେଲକୁ ଅନୁମୋଦନ କରିପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି। କିନ୍ତୁ ସମସ୍ତ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ କେବଳ ପାକିସ୍ତାନରେ ଖେଳାଯିବ ବୋଲି ପିସିବି ସ୍ପଷ୍ଟ କରିସାରିଛି। ବର୍ତ୍ତମାନ ପୁଣି ଥରେ ତାରିଖ ପରିବର୍ତ୍ତନକୁ ନେଇ ପିସିବିର ତୀକ୍ଷ୍ଣ ବିବୃତ୍ତି ଚାମ୍ପିଅନ୍ସ ଟ୍ରଫିରେ ଭାରତର ଅଂଶଗ୍ରହଣ ପାଇଁ ଖୁସିଖବର ନୁହେଁ।

## ଖେଲୋ ଇଣ୍ଡିଆ ପୂର୍ବାଞ୍ଚଳ ମହିଳା ଜୁଡ଼ୋ

ଭୁବନେଶ୍ୱର,୨୧।୮: ସିଲଂରେ ସୋମବାର ରାତିରେ ଉଦ୍‌ଯାପିତ ଖେଲୋ ଇଣ୍ଡିଆ ପୂର୍ବାଞ୍ଚଳ ମହିଳା ଜୁଡ଼ୋ। ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଓଡ଼ିଶାରୁ ଗସ୍ତ କରିଥିବା ୨୩ ଜଣିଆ ଦଳ ପ୍ରଥମ ଥର ପ୍ରଭାବୀ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ, ୩ ରେପ୍ୟ ଓ ୪ କାଂସ୍ୟ ସହ ମୋଟ ୮ ପଦକ ଜିତିଛନ୍ତି। ଉପକନିଷ୍ଠରେ ସାରା ମହାପାତ୍ର ରେପ୍ୟ ଜିତିଥିଲା ବେଳେ ତନୁଶ୍ରୀ କାଂସ୍ୟ ପାଇଥିଲେ କ୍ୟାଡେଟ୍‌ରେ ସ୍ମୃତି ପ୍ରଜ୍ଞା ନାୟକ ସ୍ୱର୍ଣ୍ଣ ପଦକ ପାଇଥିଲେ ଏବଂ ସାନିୟା ଗମାଙ୍ଗୋ କାଂସ୍ୟ ଜିତିଥିଲେ। କନିଷ୍ଠରେ ସ୍ମୃତିପ୍ରଜ୍ଞା ନାୟକ ରେପ୍ୟ ଏବଂ ଦୁଲି ମୁର୍ମୁର ଓ ନମ୍ରତା ଦର୍ଜି କାଂସ୍ୟ ଜିତିଥିଲେ ବରିଷ୍ଠ ବର୍ଗରେ ମଧ୍ୟ ସ୍ମୃତିପ୍ରଜ୍ଞା ରୌପ୍ୟ ଜିତିଥିଲେ।

# କ୍ୟାଟ୍ରିନାଙ୍କ ଗୀତରେ ଛାତ୍ରଛାତ୍ରୀଙ୍କ ସହ ମିଶି ନାଚିଲେ ମନୁ

ନୂଆଦିଲ୍ଲୀ,୨୧।୮: ଭାରତର ତାରକା ମହିଳା ସୁଟର ମନୁ ଭାକର ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି ବ୍ରୋଞ୍ଜ ପଦକ ଜିତି ଦେଶକୁ ଫେରିଛନ୍ତି ।ଏହାପରେ ତାଙ୍କୁ ଭେଟିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି ତାଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ନିକଟରେ ମନୁଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଯାହାକୁ ଲୋକେ ବାରମ୍ବାର ଦେଖିବା ସହିତ ନିଜନିଜ ଆକାଉଣ୍ଟରେ ସେୟାର କରୁଛନ୍ତି।



ମନୁ ଚେନ୍ନାଇର ଭେଲାମଲ୍ ନେକ୍ସସ୍ ସ୍କୁଲରେ ପହଞ୍ଚିଥିଲେ। ଏଠାରେ ମନୁଙ୍କ ସମ୍ମାନାର୍ଥେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମନୁ ଛାତ୍ରଛାତ୍ରୀମାନଙ୍କ ସହ ଖୁବ ମଜାମସ୍ତି କରିଥିଲେ।

ଏହି କାର୍ଯ୍ୟକ୍ରମରେ ମନୁ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କେଫଙ୍କ ଲୋକପ୍ରିୟ ଗୀତ କାଲା ଚଷମାରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ସହ ନାଚୁଥିବାର ନଜର ଆସିଥିଲେ। ପ୍ରଥମ ଥର ପାଇଁ ମନୁଙ୍କୁ ଏଭଳି ରୂପରେ ଦେଖି ଲୋକେ ଖୁସି ହୋଇଯାଇଛନ୍ତି ଏବଂ ପ୍ରତିକ୍ରିୟା ଦେଇ କହିଛନ୍ତି, ସୁଟର ମନୁ ପ୍ୟାରିସ ଅଲିମ୍ପିକ୍ସ ଭଳି ସ୍ଥାନରେ ସୁନ୍ଦର ଭାବେ ଖେଳ ପ୍ରଦର୍ଶନ କରି ଆମ ଦେଶର ନାମ ରଖିଥିବା ସମସ୍ତେ ଜାଣିଛନ୍ତି ।ଏଥିସହିତ ସେ ଏମିତି ସୁନ୍ଦର ଭାବେ ନୃତ୍ୟ ବି କରି ପାରନ୍ତି ତାହା ଖୁବ କମ ଲୋକ ଜାଣିଥିଲେ। ସାବାସ ମନୁ ଆପଣ ହେଉଛନ୍ତି ଦେଶର ସୁନା ଝିଅ।

## ଓଡ଼ିଶାରେ... (ପ୍ରଥମ ପୃଷ୍ଠାରୁ)

କାଂସ୍ୟ ପଦକ, ଏକ ଦୃଢନିଷ୍ଠ ସ୍ୱର୍ଣ୍ଣିମ ଭବିଷ୍ୟତର ଶୁଭାରମ୍ଭ ପାଇଁ ଆହ୍ୱାନ ପ୍ରଦାନ କରିଛି। ଭାରତୀୟ ହକିର ପୁନର୍ଜନ୍ମରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଭୂମିକା ପାଇଁ ମୁଁ ଗର୍ବିତ। ଓଡ଼ିଶା ସବୁ ସମୟରେ ଭାରତୀୟ ହକି ଦଳ ସହିତ ଜଣେ ସୁଖଦୁଃଖର ସାଥୀ ଭଳି ରହିଆସିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲସ୍ ଏଞ୍ଜେଲେସ୍ ଅଲମ୍ପିକ୍ସ(୨୦୨୮) ସହିତ ଜାତୀୟ ହକି ଦଳର ଆଗାମୀ ସମସ୍ତ ଅଭିଯାନରେ ଦଳ ପ୍ରତି ଓଡ଼ିଶା ଓ ଓଡ଼ିଶାବାସୀଙ୍କର ଦୃଢ ସମର୍ଥନ ଜାରି ରହିବ। ଆମ ସରକାର ସଂପୂର୍ଣ୍ଣ ଭାବରେ ଆମର ଖେଳାଳିମାନଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ ସେମାନେ ଯେପରି ଆହୁରି ବଡ ସଫଳତା ହାସଲ କରିବେ, ସେଥିପାଇଁ ସେମାନଙ୍କୁ ସବୁପ୍ରକାର ସୁବିଧା ଓ ପ୍ରୋତ୍ସାହନ ଦିଆଯିବ। ହକିର ବିକାଶ ପାଇଁ ଆମେ ଆହୁରି ନୂଆ ନୂଆ ପଦକ୍ଷେପ ନେବୁ।ଆମର ଖେଳାଳି ମାନେ ଯେପରି ବିଶ୍ୱସ୍ତରରେ ଶୀର୍ଷରେ ରହିବେ, ତାହା ଆମେ ସୁନିଶ୍ଚିତ କରିବୁ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର କ୍ରୀଡ଼ାକ୍ଷେତ୍ରରେ ଉପାନ୍ତ ଅଞ୍ଚଳରୁ ଆସୁଥିବା କ୍ରୀଡ଼ାବିତ ମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ନିଜର ଗାଁ ମାଟିରୁ ହିଁ ଆମର କ୍ରୀଡ଼ାବିତ ମାନେ କ୍ରୀଡ଼ା ଜଗତରେ ନିଜର ଦୃଢ଼ନିଷ୍ଠ ସ୍ୱର୍ଣ୍ଣିମ ଭବିଷ୍ୟତର ଯାତ୍ରା ଆରମ୍ଭ କରିଥାନ୍ତି ତେଣୁ ତୃଣମୂଳ ସ୍ତରରୁ ଆସୁଥିବା ଏହି କ୍ରୀଡା ପ୍ରତିଭା ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ କ୍ରୀଡାବିତ୍ମାନେ ଉପସ୍ଥିତ ଥିଲେ।

## କ୍ୟାପିଟାଲ ହାଇସ୍କୁଲ୍ ବିଜେତା

ଭୁବନେଶ୍ୱର,୨୧।୮: ୟୁନିଟ୍-୬ ଦେଢ଼କୁଦ ସଂଘ ଅନୁକୂଲ୍ୟରେ ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମି ପରିସରରେ ଚାଲିଥିବା ୩୩ତମ ଜୟନ୍ତ ମହାପାତ୍ର ସ୍ମାରକୀ ଅନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ କ୍ୟାପିଟାଲ୍ ହାଇସ୍କୁଲ୍ ବିଜେତା ହୋଇଛି । ପ୍ରଥମ ଥର ଫ୍ଲଡ୍‌ଲାଇଟ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ କ୍ୟାପିଟାଲ୍ ହାଇସ୍କୁଲ୍ ୨-୧ ଗୋଲ୍‌ରେ ଅପ୍ରତିଦ୍ୱନ୍ଦ୍ୱୀ କିଟ୍-କିସ୍‌କୁ ପରାସ୍ତ କରିଛି ମ୍ୟାଚ୍‌ର ନବମ ମିନିଟ୍‌ରେ ରାମ ମାଝୀଙ୍କ ଗୋଲ୍‌ରେ କିଟ୍ ଓ କିସ୍ ଦଳ ଆଗୁଆ ହୋଇଥିଲା। ଏହା ପରେ ସୁରେଶ ମୁର୍ମୁ(୨୯, ୩୮ ମିନିଟ୍)ଙ୍କ ଦୁଇଟି ଗୋଲ୍ ବଳରେ କ୍ୟାପିଟାଲ୍ ହାଇସ୍କୁଲ୍ ବାଜି ମାରିନେଇଥିଲା।

# ପାରାଲିମ୍ପିକ୍ସ ଭାରତୀୟ ଦଳରେ ନାହାଁନ୍ତି ଓଡ଼ିଆ ଆଥଲେଟିକ୍ସ

ଭୁବନେଶ୍ୱର,୨୧।୮: ଆସନ୍ତା ୨୮ ତାରିଖରୁ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି ପାରାଲିମ୍ପିକ୍ସ କ୍ରୀଡ଼ା। ୮୪ ଜଣିଆ। ଭାରତୀୟ ଦଳ ଏଥିରେ ଭାଗ ନେବ। କିନ୍ତୁ ଏହି ଦଳରେ ଜଣେ ହେଲେ ବି ଓଡ଼ିଆ ଖେଳାଳି ନାହାନ୍ତି। ଓଡ଼ିଶା ପାରା କ୍ରୀଡ଼ା ପାଇଁ ଏହା ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ଏ ପର୍ଯ୍ୟନ୍ତ ମାତ୍ର ଦୁଇ ଜଣ ଓଡ଼ିଆ ପାରାଲିମ୍ପିକ୍ସରେ ଭାଗ ନେଇଛନ୍ତି।




ସେମାନେ ହେଲେ ମାର୍କଣ୍ଡ ରେଡ୍ଡି ଓ ପ୍ରମୋଦ ଭଗତ। ପାରା ଆଥଲେଟିକ୍ସରେ ମାର୍କଣ୍ଡ ୨୦୧୬ରେ କ୍ରୀଡ଼ାରେ ଏବଂ ବ୍ୟାଡମିଣ୍ଟନରେ ପ୍ରମୋଦ ୨୦୨୧ କ୍ରୀଡ଼ାରେ ଭାଗ ନେଇଥିଲେ। ପ୍ରମୋଦ ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରମୋଦ ଗତ ଥର ଭଳି ଏଥର ମଧ୍ୟ ଯୋଗ୍ୟତା ହାସଲ କରିଥିଲେ। କିନ୍ତୁ ଡୋପ୍ ନିୟମ ଉଲ୍ଲଂଘନ କରି ସେ ୧୮ ମାସ ପାଇଁ ବାସନ୍ଦ ହୋଇଛନ୍ତି। ତେଣୁ ସେ ପାରାଲିମ୍ପିକ୍ସ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ୫୪ ଜଣିଆ। ଦଳ ଟୋକିଓ କ୍ରୀଡ଼ାରେ ଭାଗ ନେଇଥିଲା। ଏଥର ଏହି ସଂଖ୍ୟା ୮୪ରେ ପହଞ୍ଚିଛି ଯାହା ଆଶା ଥିଲା, ପ୍ରମୋଦ ନଗଲେ ନାହିଁ ଦୀପ ରଞ୍ଜନ ବିଶୋଇ (ବ୍ୟାଡମିଣ୍ଟନ) ଓ ଜୟନ୍ତୀ ବେହେରାଙ୍କୁ (ଆଥଲେଟିକ୍ସ) ସୁଯୋଗ ମିଳିବ। ମାତ୍ର ତାହା ହେଲା ନାହିଁ। ପାରାଲିମ୍ପିକ୍ସ ପାଇଁ ପିସିଆଇ(ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ) ଦଳ ଚୟନ କରିଥାଏ। ପିସିଆଇ କର୍ମକର୍ତ୍ତା ହିଁ କିଏ ଖେଳାଳି ଦଳରେ ସାମିଲ ହେବେ ତାହା ନିଷ୍ପତ୍ତି ନିଅନ୍ତି।

ଗତ ୧୩ ତାରିଖରେ ପ୍ରମୋଦ ବାସନ୍ଦ ହେବା ବିଷୟରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟ ମହାସଂଘ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଥିଲା। ପ୍ରମୋଦ ୧୮ ମାସ ପାଇଁ ସସପେଣ୍ଡ୍ ହୋଇଛନ୍ତି ସେ ପ୍ୟାରିସ ପାରାଅଲିମ୍ପିକ୍ସରେ ଭାଗ ନେଇ ପାରିବେ ନାହିଁ ଗତ ମାର୍ଚ୍ଚ ୧ ତାରିଖ ଅନ୍ତର୍ଜାତୀୟ କ୍ରୀଡ଼ା କୋର୍ଟ (କାସ୍) ର ଡୋପ୍ ନିରୋଧୀ ଡିଭିଜନ ଅବଗତ ହୋଇଥିଲେ ଯେ ପ୍ରମୋଦ ବିଡବ୍ଲ୍ୟୁଏଫ୍ର ଡୋପ୍ ନିରୋଧୀ ନିୟମ ଉଲ୍ଲଂଘନ କରିଛନ୍ତି। ଗତ ୧୨ ମାସ ମଧ୍ୟରେ ୩ ଥର ସେ କେଉଁଠି ରହିଛନ୍ତି ଓ କଣ କରୁଛନ୍ତି ସେ ସଂପର୍କିତ ରିପୋର୍ଟ ଦାଖଲ କରିବାରେ ବିଫଳ ହୋଇଥିଲେ। ପ୍ରମୋଦ କାସର ଅପିଲ ଡିଭିଜନରେ ଏହାକୁ ନେଇ ଆବେଦନ କରିଥିଲେ। କିନ୍ତୁ ଅପିଲ ଡିଭିଜନ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି କାସ୍ର ଡୋପ୍ ନିରୋଧୀ ଡିଭିଜନର ବାସନ୍ଦାଦେଶକୁ ବଳବତ୍ତର ରଖିଥିଲା ବୋଲି ବିଡବ୍ଲ୍ୟୁଏଫ୍ ପକ୍ଷରୁ କୁହାଯାଇ ଥିଲା।

# ୟୁଏଇରେ ମହିଳା ଟି-୨୦ ବିଶ୍ୱକପ




ଦୁବାଇ,୨୧।୮: ଆଇସିସି ମହିଳା ଟି-୨୦ ବିଶ୍ୱକପର ୯ମ ସଂସ୍କରଣ ବାଂଲାଦେଶରେ ହେବନାହିଁ। ଏହି ମେଗା ଟୁର୍ଣ୍ଣାମେଣ୍ଟ ବାଂଲାଦେଶ ବଦଳରେ ୟୁଏଇରେ ଅନୁଷ୍ଠିତ ହେବ। ତେବେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ହିଁ ଏହି ଟୁର୍ଣ୍ଣାମେଣ୍ଟର ପରିଚାଳନା କରିବ ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି।

ଅକ୍ଟୋବର ୩ରୁ ୨୦ ତାରିଖ ଯାଏ ବାଂଲାଦେଶରେ ମହିଳା ଟି-୨୦ ବିଶ୍ୱକପ ଖେଳାଯିବାର ଥିଲା। କିନ୍ତୁ ବାଂଲାଦେଶରେ ଏବେ ରାଜନୀତିକ ହିଂସା ଓ ହଟଚମଟ ଦେଖିବାକୁ ମିଳିଛି। ସେଠାରେ ହିଂସା ଜାରି ରହିଥିବାରୁ ଅନେକ ଦେଶର ଖେଳାଳି ବାଂଲାଦେଶ ଯିବାକୁ ଅମଙ୍ଗ ହୋଇଥିଲେ।

ଏହାକୁ ଦୃଷ୍ଟିରେ ରଖି ଆଇସିସି ୟୁଏଇକୁ ନୂଆ ଭେନ୍ୟୁ ଭାବେ ଚିହ୍ନଟ କରିଛି ଏ ସମ୍ପର୍କରେ ଆଇସିସି ପକ୍ଷରୁ କୁହାଯାଇଛି ଯେ ବାଂଲାଦେଶରେ ରାଜନୀତିକ ଅସ୍ଥିରତା ପରେ ଅନେକ ଦେଶ ଟ୍ରାଭେଲ ଆଡଭାଇଜରୀ ଜାରି କରିଛନ୍ତି। ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କରିବାକୁ ବାଂଲାଦେଶ ବଦଳରେ ୟୁଏଇରେ ବିଶ୍‌କପ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଆମର ଆଶା ୟୁଏଇରେ ମଧ୍ୟ ବାଂଲାଦେଶ କ୍ରିକେଟ ବୋର୍ଡ ଟୁର୍ଣ୍ଣାମେଣ୍ଟକୁ ନିଶ୍ଚିତ ସ୍ମରଣୀୟ କରିବ ବୋଲି ଆଇସିସି କହିଛି। ଅକ୍ଟୋବର ୩ରୁ ୨୦ ମଧ୍ୟରେ ଖେଳାଯିବାକୁ ଟି-୨୦ ମହିଳା ବିଶ୍ୱକପର ସମସ୍ତ ମ୍ୟାଚ୍ ୟୁଏଇର ଦୁବାଇ ଓ ଶାରଜାରେ ଖେଳାଯିବ।

# ଗାଙ୍ଗୁଲିଙ୍କୁ ଟାର୍ଗେଟ୍ କଲେ ଶାମିଙ୍କ ପୂର୍ବ ସ୍ତ୍ରୀ

ନୂଆଦିଲ୍ଲୀ,୨୧।୮: କୋଲକାତା ଆର.ଜି କର ମେଡିକାଲ କଲେଜ ଘଟଣାକୁ ନେଇ ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପଟେନ୍ ସୌରଭ ଗାଙ୍ଗୁଲି କିଛି ଏପରି ବୟାନ ଦେଇଥିଲେ ଯାହାକୁ ନେଇ ସାରା ଦେଶରେ କମ୍ପନ ସୃଷ୍ଟି ହୋଇଥିଲା। କିନ୍ତୁ ପରେ ଗାଙ୍ଗୁଲି ନିଜ ବୟାନ ଉପରେ ସଫେଇ ଦେଇଥିଲେ। ସେ ନିଜକୁ ସାଇଲେଣ୍ଟ ପ୍ରୋଟେଷ୍ଟ ଭାବରେ ଦେଖାଇ ସୋସିଆଲ ମିଡିଆରେ ନିଜର ପ୍ରୋଫାଇଲ ଫଟୋକୁ କଳା କରିଦେଇଥିଲେ। ଏଥିସହ କୋଲକାତା ବିରୋଧ ପ୍ରଦର୍ଶନରେ ସେ ନିଜେ ସାମିଲ୍ ହେବେ ବୋଲି ମଧ୍ୟ କହିଛନ୍ତି।



କହିରଖୁଛୁ କି, ଗାଙ୍ଗୁଲି ଏହି ମାମଲାକୁ ନେଇ କହିଥିଲେ କି, କୋଲକାତା ଘଟଣାରେ ଯାହା ହୋଇଛି ତାହା ସମ୍ପୂର୍ଣ୍ଣ ରୂପେ ଭୁଲ। କିନ୍ତୁ ପୁରା ଦୁନିଆରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ତେବେ ଏହି ଘଟଣାରେ କେବଳ ପଶ୍ଚିମବଙ୍ଗ ସରକାରଙ୍କ ଉପରକୁ ଆଙ୍ଗୁଠି ଉଠାଇବା ଭୁଲ ଅଟେ। ତେବେ ଏହି ଘଟଣାକୁ ନେଇ ଟିମ୍ ଇଣ୍ଡିଆର ଦ୍ରୁତ ବୋଲର୍ ମହମ୍ମଦ ଶାମିଙ୍କ ପୂର୍ବତନ ସ୍ତ୍ରୀ, ଗାଙ୍ଗୁଲିଙ୍କୁ ଏପରି କିଛି କହିଛନ୍ତି ଯାହା ସମସ୍ତଙ୍କୁ ତାଜୁବ କରିଦେଇଛି।

ଶାମିଙ୍କ ଏକ୍ସ ସ୍ତ୍ରୀ ଗାଙ୍ଗୁଲିଙ୍କ ପୁରୁଣା ଭିଡିଓ ଶେୟାର କରି କହିଛନ୍ତି, ସୌରଭ ଗାଙ୍ଗୁଲିଙ୍କ ପରି ଲୋକଙ୍କ ପାଇଁ ମହିଳା ମନୋରଞ୍ଜନ ଓ ଏଞ୍ଜୟ କରିବାର ଜିନିଷ ଅଟନ୍ତି। ସେଥିପାଇଁ ସେ କହିଛନ୍ତି ଏପରି ବଳାତ୍କାର ଘଟଣା ସାରା ଦେଶରେ ଘଟୁଛି କହିବାକୁ ଗଲେ ଗାଙ୍ଗୁଲିଙ୍କ ନିଜ ଝିଅ ସୁରକ୍ଷିତ ଅଛନ୍ତି ସେଥିପାଇଁ ଅନ୍ୟ ଝିଅଙ୍କ ଅସୁରକ୍ଷିତ ନେଇ କିଛି ପ୍ରଭାବ ପଡୁନାହିଁ।

# ଭିନେଶଙ୍କୁ ଗଙ୍ଗାଜଳ ପିଆଇଲେ ପୂର୍ବତନ କବାଡ଼ି ଓ ହକି ଖେଳାଳି

ନୂଆଦିଲ୍ଲୀ,୨୧।୮: ଭାରତୀୟ ରେସଲର ଭିନେଶ ଫୋଗଟ ପ୍ୟାରିସ ଅଲିମ୍ପିକ୍ସରେ ଫାଇନାଲରେ ପହଞ୍ଚିବା ସତ୍ତ୍ୱେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ଭିନେଶ ଫୋଗଟ ୫୦ କିଲୋଗ୍ରାମ ଓଜନ ବର୍ଗର ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ୧୦୦ ଗ୍ରାମ ଅଧିକ ଓଜନ ହେତୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା।



ଏହାପରେ ଭିନେଶ କ୍ରୀଡ଼ା ପାଇଁ ଆର୍ବିଟ୍ରେଶନ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଏଥିରୁ ତାଙ୍କୁ କିଛି ସୁଫଳ ମିଳି ନଥିଲା ଗତ ଶନିବାର ଭିନେଶ ଭାରତ ଫେରି ଆସିଛନ୍ତି ପ୍ୟାରିସ ଅଲିମ୍ପିକ୍ସରୁ ନିରାଶ ହୋଇ ଭାରତ ଫେରିବା ପରେ ତାଙ୍କୁ ମିଳୁଥିବା ସମର୍ଥନ ଦେଖି ସେ ଭାବବିହ୍ୱଳ ହୋଇପଡ଼ିଛନ୍ତି।

ଗତକାଲି କବାଡ଼ି ଓ ହକିର ପୂର୍ବତନ ଖେଳାଳିମାନଙ୍କ ଏକ ଦଳ ଭିନେଶଙ୍କ ଘରେ ପହଞ୍ଚିଥିଲା। ସେମାନେ ସେଠାରେ ଭିନେଶଙ୍କୁ ଗଙ୍ଗାଜଳ ପିଆଇ ନିଜନିଜର ସମର୍ଥନ ଜଣାଇଥିଲେ। ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି, ଭିନେଶଙ୍କ ଘରେ ପହଞ୍ଚିଥିବା ଖେଳାଳିମାନେ ପାଦରେ ଚାଲିଚାଲି ହରିଦ୍ୱାର ଯାଇ ଏହି ଗଙ୍ଗା ଜଳ ସଂଗ୍ରହ କରିଥିଲେ। ଭିନେଶ ତାଙ୍କ ଗ୍ରାମରେ ପହଞ୍ଚିବା ପରେ ପୂର୍ବତନ ଖେଳାଳିମାନେ ଉକ୍ତ ଗଙ୍ଗାଜଳ ସହ ପହଞ୍ଚି ସମର୍ଥନ ଜଣାଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ